


# ଉତ୍କଳ ପ୍ରସଙ୍ଗ



ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଗତ ଅଗଷ୍ଟ ୯ ତାରିଖ ଦିନ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

ତାଜମହଲ ବିଦେଶୀ ପର୍ଯ୍ୟଟକମାନଙ୍କ ନିମନ୍ତେ ଏକ ମୁଖ୍ୟ ଦର୍ଶନୀୟ ସ୍ଥାନ । ଏଥି ନିମନ୍ତେ ନୂଆଦିଲ୍ଲୀ ଓ ଆଗ୍ରା ମଧ୍ୟରେ 'ତାଜ ଏକ୍ସପ୍ରେସ' ନାମକ ଏକ ନୂତନ ରେଳଗାଡ଼ି ଚଳାଚଳ ଆରମ୍ଭ ହୋଇଛି ।



ଓଡ଼ିଶା ସରକାରଙ୍କ ଦୈନିକ କାର୍ଯ୍ୟ, ସରକାରୀ ଘୋଷଣା ଏବଂ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହି ବିଷୟକୁ ସଂପୂର୍ଣ୍ଣ ଓ ପ୍ରାମାଣିକ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

*

ସମ୍ପାଦକ: ସୁବ୍ରତ ଯୋଶୀ, ଲୋକ ସଂପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ ।

ସହଯୋଗୀ ସମ୍ପାଦକ: ମଦନ ମୋହନ ମିଶ୍ର, ସହକାରୀ ଲୋକ ସଂପର୍କ ନିର୍ଦ୍ଦେଶକ ।

ସହକାରୀ ସଂପାଦକ: କିଶୋର ଚନ୍ଦ୍ର ବେହେରା, ପ୍ରକାଶନ ଅଧିକାରୀ ।

*

ମୁଦ୍ରଣ: ଓଡ଼ିଶା ସରକାରୀ ମୁଦ୍ରଣାଳୟ
କଟକ

*

ବାର୍ଷିକ ଦେୟ ଟ ୪·୮୦
ପ୍ରତି ଖଣ୍ଡ ଟ ୦·୪୦

*

ପ୍ରକାଶନ: ପ୍ରତିମାସ ୧୫ ତାରିଖ

# ଉତ୍କଳ ପ୍ରସଙ୍ଗ

ସେପ୍ଟେମ୍ବର, ୧୯୭୩ : ଭାଦ୍ର ୧୮୯୫
୩୦ଶ ଖଣ୍ଡ, ୨ୟ ସଂଖ୍ୟା

ଏହି ସଂଖ୍ୟାରେ :

| | | ପୃଷ୍ଠାଙ୍କ |
|---|---|---|
| ୧ | ଶିକ୍ଷକ ସମାଜର କଲ୍ୟାଣ | ୧ |
| ୨ | ଜାତୀୟ ସମର ଶିକ୍ଷାର୍ଥୀ-ଆକାଶ ବାହିନୀ | ୯ |
| ୩ | କୃଷି ଉତ୍ପାଦନ କ୍ଷେତ୍ରରେ ଶିକ୍ଷାର ଭୂମିକା | ୧୫ |
| ୪ | ଓଡ଼ିଶାରେ କେନ୍ଦୁପତ୍ର ଜାତୀୟକରଣ | ୧୯ |
| ୫ | ଶ୍ୱେତ ବିପ୍ଳବ | ୨୩ |
| ୬ | ଆମ ବିମାନ ବାହିନୀ | ୨୯ |
| ୭ | ସବୁଜ ବିପ୍ଳବ ପଥେ କାଣପୁର ଓ ଭୂମଣ୍ଡଳ | ୩୫ |
| ୮ | ଜାତୀୟ ସମସ୍ୟା : ବାସଗୃହ | ୩୯ |
| ୯ | ଘଣ୍ଟାୟରର ପ୍ରତିରକ୍ଷା ଉତ୍ପାଦନ କାରଖାନା | ୪୩ |
| ୧୦ | ପଞ୍ଚମ ଯୋଜନାରେ ସ୍ୱଳ୍ପ ସଞ୍ଚୟର ଭୂମିକା | ୪୭ |
| ୧୧ | ଦେଶର ଜରୁରିକାଳୀନ ପରିସ୍ଥିତିରେ ସ୍ୱଳ୍ପସଞ୍ଚୟର ଭୂମିକା | ୫୧ |
| ୧୨ | ଆମ ରାଜ୍ୟ | ୫୫ |

# ଶିକ୍ଷକ ସମାଜର କଲ୍ୟାଣ

ଭାରତରେ ଶିକ୍ଷକମାନଙ୍କୁ ଶ୍ରେଷ୍ଠ ଆସନ ଦେବାର ପରମ୍ପରା ଯୁଗ ଯୁଗ ଧରି ରହିଆସିଛି । ପ୍ରାଚୀନ ଭାରତରେ ମଧ୍ୟ ଆଚାର୍ଯ୍ୟମାନଙ୍କର ସ୍ଥାନ ସଦା ସର୍ବଦା ରାଜାମାନଙ୍କ ଉପରେ ନିର୍ଦ୍ଧାରିତ ହୋଇ ରହିଥିଲା । ଆଧୁନିକ ଭାରତରେ ବି ଶିକ୍ଷକ ସମାଜକୁ କୌଣସିମତେ ଅବହେଳା କରାଯାଇ ନପାରେ । ଦେଶର ବିକାଶ ତଥା ପରିବୃଦ୍ଧି, ଶିକ୍ଷା ଓ ଆଧୁନିକ ଜ୍ଞାନର ଯଥାଯଥ ବିନିଯୋଗ ଉପରେହିଁ ନିର୍ଭର କରିଥାଏ ।

ସ୍ୱାଧୀନତା ପରେ ଶିକ୍ଷକମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଯେଉଁସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି ତନ୍ମଧ୍ୟରେ ବିଶେଷ ଉଲ୍ଲେଖଯୋଗ୍ୟ ହେଲା—

(୧) ଶିକ୍ଷକମାନଙ୍କ ପାଇଁ ଜାତୀୟ ଓ ରାଜ୍ୟ ସ୍ତରୀୟ ପୁରସ୍କାର ।

(୨) ଶିକ୍ଷକମାନଙ୍କ ଦରମା ହାରର ସଂଶୋଧନ।

(୩) ଅବସରକାଳୀନ ତ୍ରିବିଧ ସୁବିଧା ଯଥା:— ପେନ୍‌ସନ, ଭବିଷ୍ୟନିଧି ଓ ଜୀବନବୀମା।

(୪) ସ୍ୱଳ୍ପକାଳୀନ ତାଲିମ ବ୍ୟବସ୍ଥା।

(୫) ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ଶିକ୍ଷକମାନଙ୍କର ସନ୍ତାନ ସନ୍ତତିମାନଙ୍କ ସ୍କୁଲ ଦରମା ଛାଡ଼।

(୬) ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ଶିକ୍ଷକମାନଙ୍କର ସନ୍ତାନ ସନ୍ତତିମାନଙ୍କ ନିମନ୍ତେ ଜାତୀୟ ଛାତ୍ରବୃତ୍ତି ପ୍ରଦାନ।

(୭) ଜାତୀୟ ଋଣବୃତ୍ତି ପ୍ରଦାନ।

(୮) ଶିକ୍ଷକ ସମାଜର କଲ୍ୟାଣ ନିମନ୍ତେ ଜାତୀୟ ଶିକ୍ଷକ କଲ୍ୟାଣ ପ୍ରତିଷ୍ଠାନ ଗଠନ।

---

# ଗୁରୁ ଦିବସ ଉପଲକ୍ଷେ ରାଷ୍ଟ୍ରପତିଙ୍କ ବାର୍ତ୍ତା

ସେପ୍ଟେମ୍ବର ୫ ତାରିଖ ଦିନ ପାଳିତ ହେଉଥିବା "ଗୁରୁ ଦିବସ" ଉପଲକ୍ଷେ ଦେଶର ଶିକ୍ଷକସମାଜକୁ ମୁଁ ମୋର ଆନ୍ତରିକ ସଦିଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି।

ଶିକ୍ଷକମାନେ ହିଁ ଜାତିର ପ୍ରକୃତ ନିର୍ମାତା। କାରଣ ସେମାନେ ହିଁ ଦେଶର ଭାବୀ ବଂଶଧରମାନଙ୍କର ମୂଳଦୁଆ ପକାଇଥାଆନ୍ତି। ଫଳରେ ଦେଶର ଚରିତ୍ର ଗଠନ ଦିଗରେ ଏହା ବିଶେଷ ସହାୟକ ହୋଇଥାଏ। ଶିକ୍ଷକମାନେ ନିଜର ଚରିତ୍ରବଳ ଓ ଆଚରଣ ଦ୍ୱାରା ଆଜିର ଛାତ୍ର ତଥା ଆଗାମୀ କାଲିର ନାଗରିକଙ୍କ ଉପରେ ନିଜର ପ୍ରଭାବ ପକାଇବା ଆବଶ୍ୟକ। ଯେଉଁ ମହାନ୍ ସେବାରେ ଶିକ୍ଷକମାନେ ଆଜି ନିୟୋଜିତ, ସେଥିପାଇଁ ଆମେ କେବଳ ସେମାନଙ୍କ ନିକଟରେ କୃତଜ୍ଞତା ପ୍ରକାଶ ନ କରି ତାଙ୍କର ତଥା ସେମାନଙ୍କର ପରିବାରବର୍ଗଙ୍କ କଲ୍ୟାଣ ନିମନ୍ତେ ଯଥେଷ୍ଟ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍। ଜାତୀୟ ଶିକ୍ଷକ କଲ୍ୟାଣ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବା ପାଇଁ ମୁଁ ଆମ ଦେଶର ଜନସାଧାରଣଙ୍କୁ ନିବେଦନ କରୁଛି।

ଭି. ଭି. ଗିରି

---

## ଜାତୀୟ ପୁରସ୍କାର

ଶିକ୍ଷକ ମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ଶିକ୍ଷାଦାନ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଜନସାଧାରଣଙ୍କୁ ଅବହିତ କରିବା ନିମନ୍ତେ ୧୯୫୮ ମସିହାଠାରୁ ଶିକ୍ଷକମାନଙ୍କୁ ଜାତୀୟ ସ୍ତରରେ ପୁରସ୍କୃତ କରାଯାଉଛି। ୧୯୬୫ ମସିହା ପର୍ଯ୍ୟନ୍ତ କେବଳ ପ୍ରାଥମିକ, ମଧ୍ୟଇଂରାଜୀ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲର ଶିକ୍ଷକମାନଙ୍କୁ ପୁରସ୍କୃତ କରାଯାଉଥିଲା। କିନ୍ତୁ ୧୯୬୬ ମସିହା ପରଠାରୁ ପାରମ୍ପରିକ ରୀତିରେ ପରିଚାଳିତ ସଂସ୍କୃତ ପାଠଶାଳା ଏବଂ ସଂସ୍କୃତ ଟୋଲର ଶିକ୍ଷକମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଉଛି। ୧୯୬୬ ମସିହାଠାରୁ ଏହିଭଳି ୯୯ଟି ଜାତୀୟ ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯାଉଛି। ସେଥିମଧ୍ୟରୁ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲର ଶିକ୍ଷକମାନଙ୍କୁ ୯୦ଟି କରି ପୁରସ୍କାର ଏବଂ ସଂସ୍କୃତ ପାଠଶାଳା ତଥା ଟୋଲର ଶିକ୍ଷକମାନଙ୍କୁ ୯ଟି କରି ପୁରସ୍କାର ଦିଆଯାଉଛି। ୧୯୭୦ ମସିହାଠାରୁ ଏହିଭଳି ୧୦୦ଟି ପୁରସ୍କାର ଦିଆଯାଉଛି। କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ଶିକ୍ଷକମାନଙ୍କ ପାଇଁ ପୃଥକ ଭାବେ

ଗୋଟିଏ ପୁରସ୍କାର ପ୍ରଦାନର ବ୍ୟବସ୍ଥା କରାଯାଇଛି । ଜାତୀୟ ସ୍ତରରେ ପୁରସ୍କୃତ ପ୍ରତ୍ୟେକ ଶିକ୍ଷକଙ୍କୁ ଗୋଟିଏ ପ୍ରଶଂସାପତ୍ର ସହ ନଗଦ ୧,୦୦୦ ଟଙ୍କା ପ୍ରଦାନ କରାଯାଇଥାଏ । ୧୯୬୦ ମସିହା ପର୍ଯ୍ୟନ୍ତ ୫୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା । କିନ୍ତୁ ୧୯୬୧ ମସିହାରେ ଏହାକୁ ୧,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏ ପର୍ଯ୍ୟନ୍ତ ୩୦୧ ଜଣ ଶିକ୍ଷକଙ୍କୁ ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଛି ।

ଏହି ପୁରସ୍କାର ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖରେ ପାଳିତ ହେଉଥିବା "ଗୁରୁ ଦିବସ" ରେ ଘୋଷଣା କରାଯାଏ ଏବଂ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଏହି ପୁରସ୍କାରଗୁଡ଼ିକୁ ଶିକ୍ଷକମାନଙ୍କୁ ପ୍ରଦାନ କରନ୍ତି ।

ବିଭିନ୍ନ ରାଜ୍ୟ ସରକାରମାନେ ମଧ୍ୟ ବିଶିଷ୍ଟ ଶିକ୍ଷକମାନଙ୍କୁ ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରଦାନର ବ୍ୟବସ୍ଥା କରିଛନ୍ତି ।

---

# ଗୁରୁ ଦିବସ ଉପଲକ୍ଷେ ଓଡ଼ିଶାର ରାଜ୍ୟପାଳଙ୍କ ନିବେଦନ

ଅଭାବ ତଥା ଦୁର୍ଦ୍ଦଶାଗ୍ରସ୍ତ ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ପୋଷ୍ୟବର୍ଗଙ୍କ କଲ୍ୟାଣ ନିମିତ୍ତ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ୧୯୬୨ ମସିହାରେ ଜାତୀୟ ଶିକ୍ଷକ କଲ୍ୟାଣ ପ୍ରତିଷ୍ଠାନ ସ୍ଥାପିତ ହୋଇଛି । ପରିବାରର ରୋଜଗାର କରୁଥିବା ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ଅଥବା ଦୀର୍ଘକାଳବ୍ୟାପୀ ଅସୁସ୍ଥତାଜନିତ ଅପ୍ରତ୍ୟାଶିତ ପରିସ୍ଥିତି ଫଳରେ ଦୁଃସ୍ଥ ଅବସ୍ଥାରେ ପଡ଼ିଥିବା ଅଭାବଗ୍ରସ୍ତ ଶିକ୍ଷକ ଓ ସେମାନଙ୍କର ପୋଷ୍ୟବର୍ଗଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ପାଣ୍ଠି ସଦୁପଯୋଗ କରାଯାଇଥାଏ । ଏହାଛଡ଼ା ଯେଉଁ ଶିକ୍ଷକମାନେ ଉଲ୍ଲେଖନୀୟ ସେବାକାର୍ଯ୍ୟ କରିଥିବେ, ଅବସର ଗ୍ରହଣ ପରେ ସେମାନଙ୍କୁ ବି ଏହି ପାଣ୍ଠିରୁ ଆର୍ଥିକ ସାହାଯ୍ୟ ଦିଆଯାଇଥାଏ ।

କେନ୍ଦ୍ର ସରକାର ତଥା ରାଜ୍ୟ ସରକାରମାନଙ୍କ ପ୍ରଦତ୍ତ ଅର୍ଥ ଓ ବିଭିନ୍ନ ରାଜ୍ୟରୁ ସଂଗୃହୀତ ଅର୍ଥକୁ ନେଇ ଏହି ପାଣ୍ଠି ଗଠିତ । ଏଥିପାଇଁ ପୁରାପୁରି ସ୍ୱେଚ୍ଛାକୃତ ଭାବରେ ଅର୍ଥ ସଂଗ୍ରହ କରାଯାଇଥାଏ । ଓଡ଼ିଶା ସରକାର ମୂଳପାଣ୍ଠିକୁ ବାର୍ଷିକ ଟ୨୫,୦୦୦ ଙ୍କା ଦିଅନ୍ତି ।

ଚଳିତ ବର୍ଷ ସେପ୍ଟେମ୍ବର ୫ ତାରିଖରେ ଦ୍ୱାଦଶତମ ଗୁରୁ ଦିବସ ପାଳିତ ହେଉଛି । ଏହି ଦିବସଟି ଆମର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏସ୍. ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ଦିବସ ।

ଅପ୍ରତ୍ୟାଶିତ ପରିସ୍ଥିତିଜନିତ ଖର୍ଚ୍ଚ, ସନ୍ତାନସନ୍ତତିଙ୍କ ଉଚ୍ଚ ଶିକ୍ଷା ତଥା ପରିବାର ଲୋକଙ୍କର ଚିକିତ୍ସା ବାବଦ ଖର୍ଚ୍ଚ ତୁଲାଇବା ନିମନ୍ତେ ସମ୍ବଳବିହୀନ ଶିକ୍ଷକ ତଥା ସେମାନଙ୍କର ପୋଷ୍ୟବର୍ଗ ଆର୍ଥିକ ସାହାଯ୍ୟ ସକାଶେ ଅନେକ ସମୟରେ ନିବେଦନ କରିଥାନ୍ତି । ଏହି ପାଣ୍ଠିରୁ ସାହାଯ୍ୟ ପାଇବା ପାଇଁ କ୍ରମଶଃ ଅଧିକରୁ ଅଧିକ ଆବେଦନ କରାଯାଉଥିବା ଦୃଷ୍ଟିରୁ ଏବର୍ଷ ସମଗ୍ର ଦେଶରୁ ୫୦ ଲକ୍ଷ ଟଙ୍କା ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଛି । ଏଥିପାଇଁ ଆମ ରାଜ୍ୟରୁ ଅତି କମ୍‌ରେ ୩ ଲକ୍ଷ ଟଙ୍କା ସଂଗ୍ରହ କରିବାକୁ ହେବ । ଏହି ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ଅର୍ଥ ସଂଗ୍ରହ କରିବା ପାଇଁ ବ୍ୟାପକ ଉଦ୍ୟମ କରିବାକୁ ପଡ଼ିବ ।

ଏଣୁ ଜାତୀୟ ଶିକ୍ଷକ କଲ୍ୟାଣ ପ୍ରତିଷ୍ଠାନକୁ ମୁକ୍ତ ହସ୍ତରେ ଦାନ କରିବା ପାଇଁ ଓଡ଼ିଶାର ଜନସାଧାରଣଙ୍କୁ ମୁଁ ନିବେଦନ କରୁଛି ।

ବି. ଡି. ଜାଟି

---

## ଶିକ୍ଷକମାନଙ୍କ ଦରମାହାର ସଂଶୋଧନ

ଶିକ୍ଷକମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଏବଂ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ଅଧ୍ୟାପନା କ୍ଷେତ୍ରକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବିଭିନ୍ନ ରାଜ୍ୟ ସରକାର ଶିକ୍ଷକମାନଙ୍କ ଦରମା ହାର ଓ ଭତ୍ତା ପରିମାଣ କୋଠାରୀ କମିଶନଙ୍କ ସୁପାରିଶ ଅନୁଯାୟୀ ବଢ଼ାଇ ଦେଇଛନ୍ତି। ଆନ୍ଧ୍ର ପ୍ରଦେଶ, ଦିଲ୍ଲୀ, ହିମାଚଳ ପ୍ରଦେଶ, ମହୀଶୂର ଓ ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟମାନଙ୍କରେ ଶିକ୍ଷକମାନଙ୍କ ଦରମା ହାର ୪ର୍ଥ ଯୋଜନା କାଳ ମଧ୍ୟରେ ପରିବର୍ତ୍ତନ କରାଯାଇଛି।

## ଦୁର୍ଦ୍ଦଶାଗ୍ରସ୍ତ ଶିକ୍ଷକମାନଙ୍କ ପାଇଁ ସାହାଯ୍ୟ

ଯେ କୌଣସି ଶିକ୍ଷକ ପରିବାରର ବିଭିନ୍ନ ସୂତ୍ରରୁ ହେଉଥିବା ବାର୍ଷିକ ଆୟ ଟ ୬,୦୦୦ ରୁ ଅଧିକ ହେଉ ନଥିଲେ ଏଭଳି ସାହାଯ୍ୟ ପାଇ ପାରିବେ। ପରୀକ୍ଷା ପରିଚାଳନା ସମୟରେ ଗୁରୁତର ଆଘାତପ୍ରାପ୍ତ ଶିକ୍ଷକମାନଙ୍କ କ୍ଷେତ୍ରରେ ଏହି ଆୟଗତ କଟକଣା ପ୍ରଯୁଜ୍ୟ ହେବ ନାହିଁ।

ପରିବାରଭରଣ ପୋଷଣ କରି ପାରିବା ଭଳି ରୋଜଗାରକ୍ଷମ କୌଣସି ବୟସ୍କ ଲୋକ ନ ଥିଲେ ଏହି ସାହାଯ୍ୟ ଦିଆଯିବ।

ଏହି ଆର୍ଥିକ ସାହାଯ୍ୟ ଦିଆଯିବା ବେଳେ ବର୍ତ୍ତମାନ ଚାକିରୀରେ ଥିବା ଶିକ୍ଷକ ତଥା ସେମାନଙ୍କ ପୋଷ୍ୟବର୍ଗଙ୍କ ବିଷୟ ପ୍ରଥମେ ବିଚାରକୁ ନିଆଯିବ ଏବଂ ଏହା ପଛକୁ ଅବସରପ୍ରାପ୍ତ ଶିକ୍ଷକ ଓ ସେମାନଙ୍କ ପୋଷ୍ୟବର୍ଗଙ୍କ ବିଷୟ ବିଚାରକୁ ନିଆଯିବ।

ଯଦି କୌଣସି ବ୍ୟକ୍ତି ଦରଖାସ୍ତ ଦେବା ତାରିଖରେ ଶିକ୍ଷକ ରୂପେ ଚାକିରୀ କରୁଥିବେ, ତାହାହେଲେ ଏହି ପରିକଳ୍ପନା ଅନୁଯାୟୀ ଅନ୍ୟାନ୍ୟ ଶିକ୍ଷକମାନଙ୍କ ଭଳି ସେ ମଧ୍ୟ ଆର୍ଥିକ ସାହାଯ୍ୟ ପାଇ ପାରିବେ।

ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିବା ଶିକ୍ଷକ ଓ ତାଙ୍କର ପୋଷ୍ୟବର୍ଗ ଏହି ସର୍ତ୍ତାବଳୀ ଅନୁଯାୟୀ ଯଦି ଆର୍ଥିକ ସାହାଯ୍ୟ ପାଇପାରୁ ନ ଥିବେ, ତାହାହେଲେ ସାଧାରଣ କାର୍ଯ୍ୟକାରୀ କମିଟି ଅଥବା ସଂପୃକ୍ତ ରାଜ୍ୟ କାର୍ଯ୍ୟକାରୀ କମିଟି ସ୍ୱତନ୍ତ୍ର ଭାବେ ବିଚାର କରି ଆର୍ଥିକ ସାହାଯ୍ୟ ପ୍ରଦାନ କରି ପାରିବେ।

ଦୁର୍ଦ୍ଦଶାଗ୍ରସ୍ତ ଶିକ୍ଷକମାନଙ୍କୁ ଏକକାଳୀନ ଟ ୧,୫୦୦ ପର୍ଯ୍ୟନ୍ତ ଅଥବା ମାସକୁ ଟ ୧୦୦ ହିସାବରେ ଏକବର୍ଷ ପର୍ଯ୍ୟନ୍ତ ସାହାଯ୍ୟ ଦିଆଯାଇ ପାରିବ କିନ୍ତୁ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର କାର୍ଯ୍ୟକାରୀ କମିଟିଙ୍କ ସ୍ୱତନ୍ତ୍ର ସୁପାରିଶ କ୍ରମେ ଏଭଳି ମାସିକିଆ ସାହାଯ୍ୟ ସର୍ବାଧିକ ୫ ବର୍ଷ ପର୍ଯ୍ୟନ୍ତ ଦିଆଯାଇ ପାରିବ।

ଶିକ୍ଷକ-କଲ୍ୟାଣ ପ୍ରତିଷ୍ଠାନର ସୁପରିଚାଳନା ଉଦ୍ଦେଶ୍ୟରେ ଶିକ୍ଷା ଓ ସମାଜ ମଙ୍ଗଳ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ସେହିପରି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସଂପୃକ୍ତ ରାଜ୍ୟର ଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କାର୍ଯ୍ୟକାରୀ କମିଟିମାନ ଗଠନ କରାଯାଇଛି।

## ତ୍ରିବିଧ ସୁବିଧା (ପେନ୍‌ସନ, ପ୍ରୋଭିଡେଣ୍ଟ ଫଣ୍ଡ ଓ ଜୀବନ ବୀମା)

ସ୍ୱାଧୀନତା ପୂର୍ବରୁ ଅଧିକାଂଶ ରାଜ୍ୟରେ ବେସରକାରୀ ସ୍କୁଲ ଶିକ୍ଷକମାନେ ଅବସର ଗ୍ରହଣ ପରେ କୌଣସି ପ୍ରକାର ସୁବିଧାସୁଯୋଗ ପାଉନଥିଲେ । ବର୍ତ୍ତମାନ ଦେଶର ସାତଟି ରାଜ୍ୟ ଯଥା—ବିହାର, ହିମାଚଳ ପ୍ରଦେଶ, ମହୀଶୂର, ମହାରାଷ୍ଟ୍ର, ଓଡ଼ିଶା, ତ୍ରିପୁରା ଏବଂ ଉତ୍ତର ପ୍ରଦେଶରେ ଉପରୋକ୍ତ ପରିକଳ୍ପନାକୁ କାର୍ଯ୍ୟକାରୀ କରାଯିବା ସଙ୍ଗେ ସଙ୍ଗେ ଅବସର ଗ୍ରହଣ ପରେ ସ୍କୁଲ ଶିକ୍ଷକମାନଙ୍କ ପାଇଁ ପେନ୍‌ସନ୍, ପ୍ରୋଭିଡେଣ୍ଟ ଫଣ୍ଡ ଓ ଜୀବନ ବୀମା ସୁବିଧା ପ୍ରଦାନର ବ୍ୟବସ୍ଥା କରାଯାଇଛି । ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର ଏବଂ ପଶ୍ଚିମ ବଙ୍ଗରେ ଉକ୍ତ ସୁବିଧାଗୁଡ଼ିକ ମଧ୍ୟରୁ ଦୁଇଟି ଯଥା —ପେନ୍‌ସନ୍ ଏବଂ ପ୍ରୋଭିଡେଣ୍ଟ ଫଣ୍ଡ ଅଥବା ପ୍ରୋଭିଡେଣ୍ଟ ଫଣ୍ଡ ପରିବର୍ତ୍ତେ ଗ୍ରାଚୁଇଟି ଦେବାର ବ୍ୟବସ୍ଥା କରାଯାଇଛି । ସେହିପରି ଆସାମ, ଗୁଜୁରାଟ, କେରଳ ଏବଂ ତାମିଲନାଡୁରେ କେବଳ ପେନ୍‌ସନ୍ ପ୍ରଦାନର ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି । ହରିଆନା, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଜାମ୍ମୁ ଓ କାଶ୍ମୀରରେ ଶିକ୍ଷକମାନଙ୍କୁ ପ୍ରୋଭିଡେଣ୍ଟ ଫଣ୍ଡର ସୁବିଧା ଦିଆଯାଇଛି । କେନ୍ଦ୍ର ଶାସିତ ଅଞ୍ଚଳର ଶିକ୍ଷକମାନଙ୍କ ନିମନ୍ତେ କେନ୍ଦ୍ର ସରକାର ଏହି ତ୍ରିବିଧ ସୁବିଧାର ବ୍ୟବସ୍ଥା କରି ସାରିଛନ୍ତି ।

## ବୃତ୍ତିକାଳରେ ଶିକ୍ଷକମାନଙ୍କ ତାଲିମ ସୁବିଧା

ଶିକ୍ଷାଦାନ ଦିଗରେ ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି ତଥା ସେମାନଙ୍କର ଶିକ୍ଷାଗତ ଯୋଗ୍ୟତାର ଅଭିବୃଦ୍ଧି ନିମନ୍ତେ ଦିଲ୍ଲୀ, ପଞ୍ଜାବ ଓ ରାଜସ୍ଥାନ ବିଶ୍ୱବିଦ୍ୟାଳୟ ଏବଂ ଭୋପାଳ, ଭୁବନେଶ୍ୱର, ଆଜମୀର ଓ ମହୀଶୂରଠାରେ ଥିବା ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟମାନଙ୍କରେ ଡାକଯୋଗେ ଶିକ୍ଷା ପ୍ରଦାନ ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି । ଏହାଛଡ଼ା ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ, ରାଜ୍ୟ ବିଜ୍ଞାନ ଶିକ୍ଷା ପ୍ରତିଷ୍ଠାନ ଓ ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ଦ୍ୱାରା ମଧ୍ୟ କେତେକ ତାଲିମ ପାଠ୍ୟକ୍ରମର ପ୍ରବର୍ତ୍ତନ କରାଯାଇଛି । ଶିକ୍ଷକମାନଙ୍କ ଶିକ୍ଷା ସଂକ୍ରାନ୍ତ ସମସ୍ତ ବିଷୟରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ଏକ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଗଠନ କରାଯାଇଛି ।

## ଶିକ୍ଷକମାନଙ୍କ ସନ୍ତାନ ସନ୍ତତିଙ୍କ ଅଧ୍ୟୟନର ସୁବିଧା

ବିଭିନ୍ନ ରାଜ୍ୟରେ ଶିକ୍ଷକମାନଙ୍କ ସନ୍ତାନ ସନ୍ତତିମାନଙ୍କୁ ମାଗଣାରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥା ଅନୁଯାୟୀ ଆନ୍ଧ୍ର ପ୍ରଦେଶ, ବିହାର, କେରଳ, ମହୀଶୂର, ତାମିଲନାଡୁ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ମାଗଣାରେ ଶିକ୍ଷାଦାନର ବ୍ୟବସ୍ଥା ରହିଛି । ଆସାମ, ହରିୟାନା, ଓଡ଼ିଶା, ପଞ୍ଜାବ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଶିକ୍ଷକଙ୍କ ସନ୍ତାନ ସନ୍ତତିମାନଙ୍କ ଅଧ୍ୟୟନ ଦିଗରେ ସ୍ୱତନ୍ତ୍ର ସୁବିଧା ପ୍ରଦାନର ବ୍ୟବସ୍ଥା ରହିଛି ଏବଂ ଗୁଜୁରାଟ, ମଧ୍ୟ ପ୍ରଦେଶ ଓ ମହାରାଷ୍ଟ୍ରରେ ସ୍ୱଳ୍ପ ଆୟକାରୀ ଶ୍ରେଣୀଙ୍କ ସନ୍ତାନ ସନ୍ତତିଙ୍କ ଭଳି ଶିକ୍ଷକମାନଙ୍କ ସନ୍ତାନ ସନ୍ତତିଙ୍କୁ ସ୍କୁଲ ଦରମା ଦେବାକୁ ପଡ଼େ ନାହିଁ ।

## ଜାତୀୟ ଛାତ୍ରବୃତ୍ତି

ଜାତୀୟ ଛାତ୍ରବୃତ୍ତି ପରିକଳ୍ପନା ୧୯୬୧-୬୨ ମସିହାରୁ ପ୍ରବର୍ତ୍ତନ କରାଯାଇଛି । ଏହି ପରିକଳ୍ପନା ଅନୁଯାୟୀ ଯେଉଁ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷକମାନଙ୍କ ସନ୍ତାନ ସନ୍ତତି ବିଦ୍ୟାଳୟର ଶେଷ ପରୀକ୍ଷାରେ କିମ୍ବା ସେହି ବର୍ଷ ଛାତ୍ରବୃତ୍ତି ପାଇବାକୁ ଅଛି, ସେହିବର୍ଷ ପ୍ରାକ୍-ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବେ ଏବଂ

ଯେଉଁ ଅଭିଭାବକମାନଙ୍କର ମାସିକ ଆୟ ୫୦୦ ଟଙ୍କାରୁ ଅଧିକ ହୋଇ ନଥିବ, ସେଭଳି କ୍ଷେତ୍ରରେ ଏହି ଛାତ୍ରବୃତ୍ତି ପାଇପାରିବେ । ଶେଷ ବୋର୍ଡ ପରୀକ୍ଷାର ନମ୍ବରକୁ ଭିତ୍ତିକରି ବୃତ୍ତି ପ୍ରଦାନ ପାଇଁ ପ୍ରାର୍ଥୀମାନଙ୍କୁ ବଛାଯାଇଥାଏ । ପ୍ରତିବର୍ଷ ୫୦୦ ଟି କରି ନୂତନ ଛାତ୍ରବୃତ୍ତି ଦିଆଯାଉଛି ଏବଂ କୌଣସି ପ୍ରାର୍ଥୀ ଏହି ଛାତ୍ରବୃତ୍ତି ପାଇବା ପାଇଁ ମନୋନୀତ ହେଲେ, ସର୍ବୋଚ୍ଚ ଶିକ୍ଷା ସଂପୂର୍ଣ୍ଣ ହେବାଯାଏ ସେ ଏହା ପାଇ ପାରିବେ ।

ପ୍ରାକ୍-ପ୍ରାଥମିକ, ପ୍ରାଥମିକ, ମଧ୍ୟ ଇଂରାଜୀ କିମ୍ବା ମାଧ୍ୟମିକ ସ୍କୁଲ ଶିକ୍ଷକମାନଙ୍କ ସନ୍ତାନସନ୍ତତିଙ୍କ ସମେତ ଉଚ୍ଚ ମାଧ୍ୟମିକ ସ୍ତରର ବିକଳାଙ୍ଗ ଛାତ୍ରଛାତ୍ରୀମାନଙ୍କ ଅଧ୍ୟୟନ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନ, ତାଲିମ ସ୍କୁଲ କିମ୍ବା ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ସ୍କୁଲମାନଙ୍କରେ ନିଯୁକ୍ତ ଶିକ୍ଷକମାନଙ୍କ ସନ୍ତାନ ସନ୍ତତିମାନେ ଏହି ବୃତ୍ତି ପାଇ ପାରିବେ ।

## ଛାତ୍ରବୃତ୍ତି ହାର

ଶିକ୍ଷକମାନଙ୍କ ସନ୍ତାନ ସନ୍ତତିଙ୍କ ଅଧ୍ୟୟନ ନିମନ୍ତେ ନିମ୍ନହାରରେ ଜାତୀୟ ଛାତ୍ରବୃତ୍ତି ଦିଆଯାଉଛି ।

(୧) ଆଇ ଏ, ଆଇ ଏସ୍‌ସି, ପ୍ରାକ୍-ବିଶ୍ୱବିଦ୍ୟାଳୟ କିମ୍ବା ୩ ବର୍ଷିଆ ଡିଗ୍ରୀ ପାଠ୍ୟକ୍ରମର ୧ ମ ବର୍ଷ ପାଇଁ ମାସିକ ୫୦ ଟଙ୍କା ।

(୨) ବି ଏ, ବି ଏସ୍‌ସି କିମ୍ବା ୩ ବର୍ଷିଆ ଡିଗ୍ରୀ ପାଠ୍ୟକ୍ରମର ୨ୟ ଏବଂ ୩ୟ ବର୍ଷ, ବି ଇଡ଼ି, ଏଲ୍ ଏଲ୍ ବି ନିମନ୍ତେ ମାସକୁ ୭୫ ଟଙ୍କା ।

(୩) ଏମ୍ ଏ, ଏମ୍ ଏସ୍. ସି., ଏମ୍. କମ୍., ପି. ଏଚ୍. ଡି. ସବାଶେ ମାସକୁ ୧୦୦ ଟଙ୍କା ।

(୪) ବୃତ୍ତିମୂଳକ ପାଠ୍ୟକ୍ରମ ୧ ମ ବାର୍ଷିକ ଡିଗ୍ରୀ/ଏମ୍ ଇଡ଼ି, ଏଲ୍ ଏଲ୍ ବି ଡିପ୍ଲୋମା ନିମନ୍ତେ ମାସିକ ୧୦୦ ଟଙ୍କା

## ଜାତୀୟ ଋଣବୃତ୍ତି

ଏହି ପରିକଳ୍ପନାର ଲକ୍ଷ୍ୟ ହେଲା, ଦରିଦ୍ର ତଥା ମେଧାବୀ ଛାତ୍ରମାନଙ୍କ ଅଧ୍ୟୟନର ସୁବିଧା ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା । ବିଶ୍ୱବିଦ୍ୟାଳୟ କିମ୍ବା ବୋର୍ଡ ପରିଚାଳିତ ଶେଷ ପରୀକ୍ଷାରେ ଯେଉଁ ଛାତ୍ରମାନେ ଶତକଡ଼ା ୫୦ କିମ୍ବା ତହିଁରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବେ ଏବଂ ଯାହାଙ୍କର ଅଭିଭାବକମାନଙ୍କ ମାସିକ ଆୟ ୫୦୦ ଟଙ୍କାରୁ ଅଧିକ ହୋଇ ନଥିବ, ସେଭଳି କ୍ଷେତ୍ରରେ ସେହି ଛାତ୍ରମାନେ ଏହି ଋଣ ବୃତ୍ତିପାଇ ପାରିବେ । ବାର୍ଷିକ ୭୦୦ ଟଙ୍କାରୁ ଆରମ୍ଭ କରି ୧,୭୫୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପାଠ୍ୟକ୍ରମ ନିମନ୍ତେ ଏହି ଋଣ ବୃତ୍ତି ଦେବାର ବ୍ୟବସ୍ଥା ରହିଛି । ଶିକ୍ଷାକ୍ଷେତ୍ରକୁ ମେଧାବୀ ଛାତ୍ରମାନଙ୍କୁ ଆକୃଷ୍ଟ କରିବା ହେଲା ଏହି ଋଣ ବୃତ୍ତି ପ୍ରଦାନର ଅନ୍ୟତମ ଲକ୍ଷ୍ୟ । ଅଧ୍ୟୟନ ସଂପୂର୍ଣ୍ଣ ହେବାପରେ ଯଦି ପ୍ରାର୍ଥୀ ଶିକ୍ଷକରୂପେ ୧୦ ବର୍ଷ କାର୍ଯ୍ୟ କରନ୍ତି, ତାହାହେଲେ ତାଙ୍କର ଋଣବୃତ୍ତି ବାବଦ ସମସ୍ତ ଟଙ୍କା ଛାଡ଼ କରିଦିଆଯାଇଥାଏ ।

## ଜାତୀୟ ଶିକ୍ଷକ କଲ୍ୟାଣ ପ୍ରତିଷ୍ଠାନ

୧୮୯୦ ମସିହାର ଚାରିଟେବଲ ଏଣ୍ଡୋମେଣ୍ଟ ଆଇନ୍ ଅନୁଯାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏକ ଜାତୀୟ ଶିକ୍ଷକ କଲ୍ୟାଣ ପ୍ରତିଷ୍ଠାନ ୧୯୬୨ ମସିହାରେ ଗଠନ କରାଯାଇଛି । ଏହି ପ୍ରତିଷ୍ଠାନର ଲକ୍ଷ୍ୟ ହେଲା ।

(୧) ଶିକ୍ଷକମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ଏବ ତାଙ୍କର ଅକାଳ ବିୟୋଗ କିମ୍ବା ପରିବାରର ଉପାର୍ଜନକ୍ଷମ ବ୍ୟକ୍ତି ହିସାବରେ ତାଙ୍କର ଦୀର୍ଘଦିନ ଅସୁସ୍ଥତା ଯୋଗୁଁ ତାଙ୍କ ଉପରେ ନିର୍ଭର କରି ରହୁଥିବା ବ୍ୟକ୍ତିଙ୍କୁ ଆର୍ଥିକ ସାହାଯ୍ୟ ଦେବା ।

(୨) ଶିକ୍ଷକମାନଙ୍କ ସନ୍ତାନ ସନ୍ତତିଙ୍କ ଅଧ୍ୟୟନ ଖର୍ଚ୍ଚ ତୁଲାଇବା ନିମନ୍ତେ ଛାତ୍ର ବୃତ୍ତି ଆକାରରେ କିମ୍ବା ଅନ୍ୟ କୌଣସି ଉପାୟରେ ଆର୍ଥିକ ସାହାଯ୍ୟ ପ୍ରଦାନ ।

(୩) ଝିଅର ବିବାହ ଖର୍ଚ୍ଚ ତୁଲାଇବା ନିମନ୍ତେ ଆର୍ଥିକ ସାହାଯ୍ୟ ।

(୪) ଯେଉଁ ଶିକ୍ଷକମାନେ ଶିକ୍ଷାନୁଷ୍ଠାନ ତଥା ଜନ ସେବାରେ ଅନ୍ୟୁନ ୩୦ ବର୍ଷ ଧରି ଉଲ୍ଲେଖନୀୟ କାର୍ଯ୍ୟ କରିଥିବେ, ସେହିଭଳି କେତେଜଣ ମନୋନୀତ ଶିକ୍ଷକ ଅବସର ଗ୍ରହଣ କରିବାପରେ ସେମାନଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ ଦିଆଯିବ । ଉକ୍ତ ଆର୍ଥିକ ସାହାଯ୍ୟ ଏକକାଳୀନ ଗ୍ରାଣ୍ଟ୍ ଆକାରରେ ୧,୦୦୦ ଟଙ୍କାରୁ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ଦିଆଯିବ ।

———




# ନୂଆ
# ତ୍ରିବିଧ କ୍ରିୟାଶୀଳ
# ଡେଟ୍

ନୂଆ ଡେଟ୍—ଏଥିରେ ସର୍ବୋତ୍ତମ ଶୁଭ୍ରତା ଆଣିବାପାଇଁ ଏକ ଉତ୍କୃଷ୍ଟ ଉପାଦାନ ସମ୍ମିଶ୍ରିତ । ନୂଆ ଡେଟ୍‌ରେ ରହିଛି ଅଧିକ ପରିଷ୍କାର ପରିଚ୍ଛନ୍ନ କରିବାର ଶକ୍ତି । ଏପରିକି ଏହା ଲୁଗାପଟାରେ ଲୁଚିରହିଥିବା ମଇଳାକୁ ସଫା କରିଦିଏ ଓ ରଙ୍ଗୀନ ଲୁଗାପଟାକୁ ଅଧିକ ଉଜ୍ଜ୍ୱଳ କରିଦିଏ । ନୂଆ ଡେଟ୍ ପ୍ରଚୁର ଫେଣ ଦିଏ ଯେଉଁଥିରେ ଲୁଗାପଟାକୁ ନରମ କରିବା ପାଇଁ ଏକ ବିଶେଷ ତତ୍ତ୍ୱ ସମ୍ମିଶ୍ରିତ । ଏହା ଆପଣଙ୍କର ଲୁଗାପଟାକୁ ସର୍ବାଧିକ ସୁରକ୍ଷା ପ୍ରଦାନ କରେ—ଆପଣଙ୍କ ହାତକୁ ମଧ୍ୟ କୋମଳ ରଖେ ।




ଧଳା ଡେଟ୍ ନୀଳ ଡେଟ୍

ନୂଆ ପ୍ୟାକ୍ : ଡେଟ୍ ୨୦୦, ୪୦୦, ୬୦୦, ୮୦୦, ୧୦୦୦ ଗ୍ରାମ୍‌ର
ଓ ଡେଟ୍ ସ୍ଲେଟ୍ ପ୍ୟାକେଟ୍

ଆଉ ଏକ ଉତ୍କୃଷ୍ଟ
ଡେଟ୍ ଉତ୍ପାଦନ
**ଡେଟ୍** କେକ୍




ସାବୁନ ଠାରୁ ½ ଗୁଣ ବେଶି
ଲୁଗାପଟା ଧୁଏ ଏବଂ ଅଧିକ ଶୁଭ୍ର—
ଉଜ୍ଜ୍ୱଳ ଶୁଭ୍ର ଓ ସଫା କରିଦିଏ ।

Shilpi HPMA 40 A/72 Ori

# ଜାତୀୟ ସମର ଶିକ୍ଷାର୍ଥୀ-ଆକାଶବାହିନୀ

**ଶ୍ରୀ ମିତ୍ରଭାନୁ ଶତପଥୀ**
ପାଇଲଟ୍ ଅଫିସର
ଅଧ୍ୟାପକ, ବି. ଜେ. ବି. କଲେଜ
ଭୁବନେଶ୍ୱର ।

ଏନ. ସି. ସି. ବା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସମ୍ପର୍କରେ ଅନେକଙ୍କର ଏପର୍ଯ୍ୟନ୍ତ ସ୍ୱଚ୍ଛ ଧାରଣା ହୋଇନାହିଁ । ଅନେକ ମନେ କରନ୍ତି ଯେ ଏହା ସ୍କୁଲ କଲେଜ ଛାତ୍ରଛାତ୍ରୀମାନଙ୍କ କ୍ରୀଡ଼ାବସରର ଏକ ଅଂଶ । ଏପରି ଭାବିବା ମଧ୍ୟ ସ୍ୱାଭାବିକ୍ । କାରଣ ଆମ୍ଭମାନଙ୍କ ମଧ୍ୟରୁ ଅନେକେ ଏହି ତାଲିମର ଲକ୍ଷ୍ୟ କିମ୍ବା ଉଦ୍ଦେଶ୍ୟ ସଂପର୍କରେ ସଂପୂର୍ଣ୍ଣ ଅନଭିଜ୍ଞ ।

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (National Cadet Core) ସାଧାରଣତଃ ତିନିଭାଗରେ ବିଭକ୍ତ—ସ୍ଥଳବାହିନୀ, ନୌବାହିନୀ ଏବଂ ଆକାଶବାହିନୀ । ଯେ କୌଣସି ଛାତ୍ର ନିଜ ରୁଚି ଅନୁଯାୟୀ ଏହି ତିନୋଟି ଶାଖା ମଧ୍ୟରୁ ଯେ କୌଣସି ଶାଖାରେ ଯୋଗଦେଇପାରେ । ସେଥିପାଇଁ କାହାରିକୁ ବାଧ୍ୟ କରାଯାଏ ନାହିଁ ।

ଓଡ଼ିଶାରେ କେବଳ ବକ୍ସିଜଗବନ୍ଧୁ କଲେଜରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଆକାଶ ବାହିନୀ ଶାଖା ଖୋଲା ଯାଇଛି । ଅବଶ୍ୟ କେତେକ ଜିଲାରେ ହାଇସ୍କୁଲ ମାନଙ୍କରେ ବି ଏ ଶାଖା ରହିଛି । ଭାରତୀୟ ପ୍ରତିରକ୍ଷା ବାହିନୀର ବୈମାନିକମାନଙ୍କୁ ଯେଉଁଭଳି ଶିକ୍ଷା ଏବଂ ତାଲିମ ଦିଆଯାଇଥାଏ, ଏହି ଆକାଶ ବାହିନୀର ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ସେ ଧରଣର ତାଲିମ ଦିଆଯାଏ । ଆକାଶ ବାହିନୀର ବିଭିନ୍ନ ରଣ କୌଶଳ ତଥା ଉଡ଼ା ଜାହାଜରେ ଉଡ଼ିବାର ଅଭିଜ୍ଞତା ସାଧାରଣତଃ କଲେଜର ଛାତ୍ରମାନଙ୍କ ମନରେ ବିଶେଷ କୌତୂହଳ ସୃଷ୍ଟିକରିଥାଏ ।

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ନିମନ୍ତେ ଉଦ୍ଦିଷ୍ଟ ତାଲିମ କାର୍ଯ୍ୟକ୍ରମ ଅନୁଯାୟୀ କଲେଜ ପିଲାଙ୍କୁ ସାଧାରଣତଃ ତିନିବର୍ଷ ପର୍ଯ୍ୟନ୍ତ ତାଲିମ ଦିଆଯାଏ । ଏହି ତାଲିମ ପାଇଁ ଛାତ୍ରମାନଙ୍କୁ ଗ୍ରହଣ କରାଯିବା ପୂର୍ବରୁ ପ୍ରତ୍ୟେକଙ୍କୁ ପରୀକ୍ଷାକରି ନିଆଯାଇଥାଏ । ଏଥିପାଇଁ ସ୍ୱତନ୍ତ୍ର ନିୟମ ରହିଛି ।



ଗ୍ଲାଇଡର ଲୁହାତାର ସହିତ ସଂଯୁକ୍ତହୋଇ ଉଇଞ୍ଚ ଦ୍ୱାରା ଉପରକୁ ଉଠୁଛି

ତିନିବର୍ଷ ତାଲିମକାଳ ମଧ୍ୟରେ ପ୍ରଥମବର୍ଷ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରକାରର ବ୍ୟାୟାମ ସମ୍ପର୍କରେ ଶିକ୍ଷା ଦିଆଯାଏ । ଏଗୁଡ଼ିକ ଠିକ୍ ଭାରତୀୟ ପ୍ରତିରକ୍ଷା ବାହିନୀର ଆକାଶ ବାହିନୀର ଶାଖାର ଅନୁରୂପ । ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ ଆକାଶ ବାହିନୀର କର୍ମଚାରୀମାନେ ଏହି ତାଲିମ ଦେଇଥାନ୍ତି । କଲେଜମାନଙ୍କରେ ସାଧାରଣତଃ ସପ୍ତାହକୁ ଦୁଇଦିନ ଏବଂ ପ୍ରତ୍ୟେକ ଦିନ ଦୁଇଘଣ୍ଟା ଲେଖାଏଁ ଏହି ତାଲିମ ଦିଆଯାଏ । ତାଲିମ ସଂକ୍ରାନ୍ତ ସମସ୍ତ ଖର୍ଚ୍ଚ ସରକାର ବହନ କରିଥାନ୍ତି ।

ପ୍ରଥମବର୍ଷ ବିଭିନ୍ନ ପ୍ରକାର ବ୍ୟାୟାମ ସାଙ୍ଗକୁ ବନ୍ଧୁକଚାଳନା ଏବଂ. ପାଣିପାଗ, ବିମାନଚାଳନା, ବିମାନ ଘାଟି ଓ ଆକାଶ ବାହିନୀ ସହିତ ସଂପୃକ୍ତ ବିଷୟ ସମ୍ପର୍କରେ ମଧ୍ୟ ଶିକ୍ଷାଦିଆଯାଏ । ଏହା ପରେ ଶିକ୍ଷାର୍ଥୀ ତାଲିମ କାଳରେ ସାଧାରଣତଃ ଆକାଶ ବାହିନୀର ବିଭିନ୍ନ ବିଭାଗ, ରଣକୌଶଳ ତଥା ଅନ୍ୟାନ୍ୟ ଦିଗ ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ଅର୍ଜନ କରେ ।

ତାଲିମର ଦ୍ୱିତୀୟ ବର୍ଷ ଶିକ୍ଷାର୍ଥୀମାନଙ୍କୁ ଗ୍ଲାଇଡ଼ିଂ (Gliding) ସମ୍ପର୍କରେ ଶିକ୍ଷାଦିଆଯାଏ । ଗ୍ଲାଇଡ଼ିଂ ହେଉଛି ଇଞ୍ଜିନ୍ ବିହୀନ ଉଡ଼ାଜାହାଜ ଚାଳନା । ଏହି ଇଞ୍ଜିନ୍ ବିହୀନ ଉଡ଼ାଜାହାଜକୁ ଗ୍ଲାଇଡ଼ର (Glider) କୁହାଯାଏ । ଗ୍ଲାଇଡ଼ରର ଗଠନ ବିଚିତ୍ର ଧରଣର । ଶରୀର ତୁଳନାରେ ଡେଣା ଦୁଇଟି ଅପେକ୍ଷାକୃତ ବଡ଼ । ପବନର ଗତି ଅନୁସାରେ ଏହା ସାଧାରଣତଃ ଉଡ଼ିବୁଲେ । ଏହାକୁ ଚଳାଇବା ବିଶେଷ କଷ୍ଟକର ନୁହେଁ । ସାଧାରଣତଃ ଗୋଟିଏ ସ୍ୱତନ୍ତ୍ର ଯନ୍ତ୍ର (Winch) ସାହାଯ୍ୟରେ ଏହା ଉପରକୁ ଉଠେ । ଗ୍ଲାଇଡ଼ର ଏବଂ ଉଇଞ୍ଚ୍ ମଧ୍ୟରେ ବ୍ୟବଧାନ ଦୁଇଶହ ଗଜ ଏବଂ ଦୁଇଟିକୁ ସଂଯୋଗ କରିଥାଏ ଗୋଟିଏ ମୋଟା ଲୁହାତାର (Cable) । ଉଇଞ୍ଚ୍ ଚଳେଇଲେ ଲୁହା ତାରଟି ଟାଣି ହୋଇଆସେ ଏବଂ ଗ୍ଲାଇଡ଼ର ପକ୍ଷୀପରି ଆକାଶକୁ ଉଠେ । ଅଳ୍ପକିଛି ଉପରକୁ ଉଠିସାରିବା ପରେ ଗ୍ଲାଇଡ଼ର ଚାଳକ ଲୁହାତାରଟିକୁ ଖସେଇଦିଏ ଏବଂ ଗ୍ଲାଇଡ଼ରକୁ ପବନର ଗତି ଅନୁସାରେ ଚଳାଏ । ଏହା କିଛି ସମୟ ଆକାଶରେ ଉଡ଼ିବୁଲେ ଓ ପରେ ଉଡ଼ାଜାହାଜ ପରି ପୁଣି ତଳକୁ ଓହ୍ଲେଇ ଆସିଥାଏ । କିନ୍ତୁ ସମୟ ସମୟରେ ଗ୍ଲାଇଡ଼ର ତିନିଚାରି ଘଣ୍ଟା ଘଣ୍ଟା ଧରି ଆକାଶରେ ଉଡ଼ିଥାଏ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ତାଲିମ କାଳରେ ଗ୍ଲାଇଡ଼ର ଚାଳନା ସମ୍ପର୍କରେ ତାଲିମ ଦିଆଯାଇ ଥାଏ । ସମ୍ପ୍ରତି ବି. ଜେ. ବି. କଲେଜ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରମାନେ ଏହି ଗ୍ଲାଇଡ଼ର ସମ୍ବନ୍ଧରେ ତାଲିମ ନେଉଛନ୍ତି ।

ତାଲିମର ତୃତୀୟ ବର୍ଷରେ ଶିକ୍ଷାର୍ଥୀଙ୍କୁ ପ୍ରକୃତ ଉଡ଼ାଜାହାଜ ଚାଳନା ସଂପର୍କରେ ତାଲିମ ଦିଆଯାଇଥାଏ । ଭୁବନେଶ୍ୱରସ୍ଥିତ ଓଡ଼ିଶା ଫ୍ଲାଇଂ କ୍ଲବ ଜରିଆରେ ଏହି ଶିକ୍ଷା ଦିଆଯାଉଛି । ପ୍ରଥମରେ ଉଡ଼ାଜାହାଜ ଚାଳକଙ୍କ ସହିତ କିଛି ଘଣ୍ଟା ଚଳେଇବା ପରେ ଯଦି ଚାଳକର ହୃଦବୋଧ ହୁଏ ଯେ ଶିକ୍ଷାର୍ଥୀ ନିଜେ ଉଡ଼ାଜାହାଜକୁ ଚଳେଇ ପାରିବ, ତେବେ ସେ ତାକୁ ଏକା ଯିବା ପାଇଁ ଅନୁମତି ଦିଏ । ଏହାକୁ ସୋଲୋ (Solo) କୁହାଯାଏ । ସୋଲୋ ଯିବାପୂର୍ବରୁ ପ୍ରତ୍ୟେକ ଶିକ୍ଷାର୍ଥୀକୁ ଗୋଟିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ ଏବଂ ନିର୍ଦ୍ଧାରିତ ସମୟ ଉଡ଼ାଜାହାଜ ଚଳେଇବା ପରେ ତାକୁ ଶିକ୍ଷାର୍ଥୀ ଲାଇସେନ୍ସ (Student Pilot Licence) ମିଳେ ।

ତିନିବର୍ଷ ଶିକ୍ଷା କାର୍ଯ୍ୟକ୍ରମ ମଧ୍ୟରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଦୁଇଟି ପରୀକ୍ଷା ଦେବାକୁ ପଡ଼େ । ତାକୁ 'ବି' ସାର୍ଟିଫିକେଟ ('B' Certificate) ଏବଂ 'ସି' ସାର୍ଟିଫିକେଟ୍ ('C' Certificate) କୁହାଯାଏ । ବର୍ଷେ ତାଲିମ ପାଇବା ପରେ ଶିକ୍ଷାର୍ଥୀ 'ବି' ସାର୍ଟିଫିକେଟ ପରୀକ୍ଷା ଦେବାପାଇଁ ଯୋଗ୍ୟ ବିବେଚିତ ହୁଏ ଏବଂ ଦୁଇବର୍ଷ ଶିକ୍ଷାପରେ 'ସି' ସାର୍ଟିଫିକେଟ ପରୀକ୍ଷା ଦେବାପାଇଁ ଯୋଗ୍ୟତା ହାସଲ କରେ । ଶିକ୍ଷାର୍ଥୀମାନଙ୍କୁ ପରୀକ୍ଷା କରିବା ପାଇଁ ବାହାରୁ ଆକାଶବାହିନୀର ପରୀକ୍ଷକମାନେ ଆସିଥାନ୍ତି । ଏହି ପରୀକ୍ଷକମାନେ ପିଲଙ୍କୁ ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରନ୍ତି । ଅନ୍ୟାନ୍ୟ ପରୀକ୍ଷା ପରି ଏହି ପରୀକ୍ଷାରେ ମଧ୍ୟ ଅନେକ ଅକୃତକାର୍ଯ୍ୟ ହୋଇଥାଆନ୍ତି ।

ଏହି ତାଲିମ ବ୍ୟତୀତ ପ୍ରତି ବର୍ଷ ସମର ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସ୍ଥାନରେ ବାର୍ଷିକ ଶିକ୍ଷା ଶିବିରମାନଙ୍କରେ ଯୋଗ ଦେବାକୁ ପଡ଼ିଥାଏ । ଏଭଳି ଶିବିରରେ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଏ । ଏହାଛଡ଼ା ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ଶିକ୍ଷାଶିବିରରେ ଯୋଗ ଦେବାପାଇଁ ଶିକ୍ଷାର୍ଥୀମାନଙ୍କୁ ପଠାଯାଇଥାଏ । ଚଳିତବର୍ଷ କାଶ୍ମୀରରେ ଅନୁଷ୍ଠିତ ଏକ ଶିକ୍ଷା ଶିବିରରେ (Vayu Sainik Camp) ୧୦ ଜଣ ଛାତ୍ର, କଲେଜଗୁଡ଼ିକ ଆକାଶବାହିନୀ ଘାଟି ଶିକ୍ଷା ଶିବିରରେ (Air force Attachment Camp) ଗ୍ୱାଲିଅର, ଦୁଣ୍ଡିଗଲ, କୋଚିନ୍‌ରେ ଏବଂ ଉତ୍ତକାମଣ୍ଡ, ପୁନା ଇତ୍ୟାଦି ସ୍ଥାନରେ ଅନୁଷ୍ଠିତ ଶିକ୍ଷା ଶିବିରମାନଙ୍କରେ ଯୋଗଦେଇ କୃତିତ୍ୱ ଅର୍ଜନ କରିଛନ୍ତି ।



ଆକାଶବାହିନୀ ଶିକ୍ଷାର୍ଥୀମାନେ ହାତତିଆରି ଉଡାଜାହାଜ (ଏରୋମଡେଲିଂ) ଉଡ଼ାଉଛନ୍ତି

ଏହି ଶିକ୍ଷାର ଆଉ ଗୋଟିଏ ଦିଗ ହେଲା, ବିଭିନ୍ନ ଧରଣର ଉଡ଼ାଜାହାଜ ହାତରେ ତିଆରି କରି ଉଡ଼ାଇବା । ଏହାକୁ ଏରୋମଡେଲିଂ (Aeromodelling) ବୋଲି କୁହାଯାଏ । ଏରୋମଡେଲିଂ ପାଇଁ ସ୍ୱତନ୍ତ୍ର ଧରଣର କାଠ ବ୍ୟବହୃତ ହୁଏ ଏବଂ ବିଭିନ୍ନ ପ୍ରକାର ଉଡ଼ାଜାହାଜର ଛାଞ୍ଚ ଏବଂ ନକ୍ସା ଶିକ୍ଷାର୍ଥୀମାନଙ୍କୁ ଯୋଗାଇ ଦିଆଯାଏ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଏରୋମଡେଲିଂ ନିମନ୍ତେ ସୁଯୋଗ ଦିଆଯାଏ ଏବଂ ସେମାନେ ତାଙ୍କର ନିଜ ନିଜର ଉଡ଼ାଜାହାଜ ତିଆରି କରି ଇଞ୍ଜିନ ଲଗାଇ ଉଡ଼ାନ୍ତି । ବିଭିନ୍ନ ପ୍ରକାର ଉଡ଼ାଜାହାଜ ଯଥା—ଗ୍ଲାଇଡର, କଣ୍ଟ୍ରୋଲଲାଇନ୍ (Control line), ଫ୍ରି ଫ୍ଲାଇଟ୍ (Free Flight), ରେଡ଼ିଓ ମଡେଲ (Radio model) ଆଦି ତିଆରି କରି ଉଡାଯାଇଥାଏ । ପ୍ରତ୍ୟେକ ବର୍ଷ କଲିକତାର ଜବଲପୁରଠାରେ ସର୍ବଭାରତୀୟ ସ୍ତରରେ ଏରୋମଡେଲିଂର

ଏକ ପ୍ରତିଯୋଗିତା ଅନୁଷ୍ଠିତ ହୁଏ ଏବଂ ଭାରତର ବିଭିନ୍ନ ପ୍ରାନ୍ତରୁ ଶିକ୍ଷାର୍ଥୀମାନେ ଏଥିରେ ଯୋଗଦେଇ ଥାଆନ୍ତି । ଏହି ଏରୋମଡେଲିଂ ନିମନ୍ତେ ପ୍ରତ୍ୟେକ ଶିକ୍ଷାର୍ଥୀ ପିଛା ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଇଥାଏ ଏବଂ ସରକାର ଏ ସମସ୍ତ ଖର୍ଚ୍ଚ ବହନ କରିଥାନ୍ତି ।



ଗ୍ଲାଇଡର ଶିକ୍ଷକ ଏନ୍. ସି. ସି. ଛାତ୍ରମାନଙ୍କୁ ଗ୍ଲାଇଡ଼ର ସୂଚନା ସଂପର୍କରେ ବୁଝାଉଛନ୍ତି

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀରେ ଛାତ୍ରମାନଙ୍କୁ ଏଦିଗରେ ତାଲିମ ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଧୈର୍ଯ୍ୟବାନ୍, ସହନଶୀଳ, ଶୃଙ୍ଖଳିତ ଏବଂ ନିୟମାନୁବର୍ତ୍ତୀ ହେବା ଦିଗରେ ସାହାଯ୍ୟ କରିଥାଏ । ଛାତ୍ରମାନଙ୍କମଧ୍ୟରେ ନେତୃତ୍ୱର ପରିପ୍ରକାଶ ଓ ଅଭିବୃଦ୍ଧି ଦିଗରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅବଦାନ ବହୁତ ବେଶି । ଏହାଛଡ଼ା ଭାରତୀୟ ସୈନ୍ୟ ବାହିନୀରେ ଯୋଗ ଦାନ ଜାତୀୟ ସମର ଶିକ୍ଷାର୍ଥୀଙ୍କ ପକ୍ଷେ ସହଜ ହୁଏ ଏବଂ ଏଦିଗରେ ବି ଏହି ଶିକ୍ଷାର୍ଥୀମାନଙ୍କୁ କେତେକ ବିଶେଷ ସୁଯୋଗ ଦିଆଯାଏ । ଏପରିକି ବିମାନଚାଳକ ନିଯୁକ୍ତି ବେଳେ ଶତକଡ଼ା ପଚିଶ ଭାଗ ଜାତୀୟ ସମର ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଗ୍ରହଣ କରାଯାଇଥାଏ । ଅବଶ୍ୟ ଏଥିନିମନ୍ତେ ସେମାନଙ୍କୁ ଆବଶ୍ୟକୀୟ ଡାକ୍ତରୀ ଓ ଅନ୍ୟାନ୍ୟ ପରୀକ୍ଷା ଦେବାକୁ ପଡ଼ିଥାଏ । ତେଣୁ ଭାରତୀୟ ସୈନ୍ୟ ବାହିନୀରେ ଯୋଗ ଦେବାପାଇଁ ଏହା ଏକ ସୁବର୍ଣ୍ଣସୁଯୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ ।

# ଓଡ଼ିଶାର ଦାରିଦ୍ର୍ୟ ଦୂରୀକରଣ ପାଇଁ ଖଦୀ ଓ ଗ୍ରାମୋଦ୍ୟୋଗକୁ ଉତ୍ସାହିତ କରନ୍ତୁ

## ଗ୍ରାମୋଦ୍ୟୋଗ ସଂସ୍ଥାମାନଙ୍କରେ ଉତ୍ପାଦିତ :

- ଢିଙ୍କି କୁଟା ଚାଉଳ
- ଘଣାପେଡ଼ା ବିଶୁଦ୍ଧ ସୋରିଷ, ବାଦାମ ଓ ରାଶିତେଲ
- ବିଶୋଧିତ ମହୁ
- ଉନ୍ନତ କିସମର ଆଖୁ ଓ ତାଳଗୁଡ଼
- ଲୁଗାଧୁଆ ସାବୁନ
- ଅତ୍ୟାଧୁନିକ ଜୋତା, ଚପଲ ଆଦି ଚମଡ଼ା ଜିନିଷ
- ଉତ୍କୃଷ୍ଟ ସିଲ୍କ୍ ଓ ଟସର, ଖଦୀ ଶାଢ଼ୀ ଓ ଲୁଗା
- ହସ୍ତଶିଳ୍ପ ସାମଗ୍ରୀ (ଶିଙ୍ଗକାମ, ପଥରମୂର୍ତ୍ତି, ପିତ୍ତଳମାଛ ଇତ୍ୟାଦି)
- ଲୁହା ଓ କାଠ ତିଆରି ଗୃହୋପକରଣ
- ଘରେବସି ସ୍ୱାଧୀନ ଭାବରେ ମହୁ ଉତ୍ପାଦନ କରିବାପାଇଁ ମହୁମାଛି ପାଳନ ନିମନ୍ତେ ମହୁମାଛି ବାକ୍ସ ଆଦି ଓ ତତ୍‌ସମ୍ବନ୍ଧୀୟ ଜ୍ଞାତବ୍ୟ ବିଷୟ ।

ନିମ୍ନ ଠିକଣାରେ ଅନୁସନ୍ଧାନ କରନ୍ତୁ :

**ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼**

**ଖାରବେଳ ନଗର, ଭୁବନେଶ୍ୱର-୧**

# କୃଷି ଉତ୍ପାଦନ କ୍ଷେତ୍ରରେ ଶିକ୍ଷାର ଭୂମିକା

**ଶ୍ରୀ କମଳଲୋଚନ ମହାନ୍ତି**
ଉପ-ନିର୍ଦ୍ଦେଶକ
କୃଷି ସମ୍ବାଦ ସରବରାହ
ଭୁବନେଶ୍ୱର

ପ୍ରଥମ ପଞ୍ଚବାର୍ଷିକ ଯୋଜନା ପ୍ରାରମ୍ଭରୁ ଦେଶକୁ ଖାଦ୍ୟଶସ୍ୟ ତଥା ଅନ୍ୟାନ୍ୟ କୃଷିଜାତ ସାମଗ୍ରୀରେ ଆତ୍ମନିର୍ଭରଶୀଳ କରିବା ଦିଗରେ ଉଦ୍ୟମ ହୋଇଆସୁଛି । କିନ୍ତୁ ପରିତାପର ବିଷୟ ଯେ ଆମ ଦେଶରେ କୃଷକ ଏବେ ମଧ୍ୟ ପାରମ୍ପରିକ ରୀତିରେ ଚାଷକରି ଚାଲିଛି । ଫଳରେ ଆମ ରାଜ୍ୟରେ ସମୁଦାୟ ଚାଷଜମିର ଶତକଡା ମାତ୍ର ୩ ଭାଗ ଜମିରେ ଅଧିକ ଅମଳକ୍ଷମ ଫସଲ ଉତ୍ପନ୍ନ କରାଯାଉଛି । ଚାଷୀମାନଙ୍କ ନିମନ୍ତେ ଚାଷବାସ ସଂକ୍ରାନ୍ତ ବିଭିନ୍ନ ପୁସ୍ତିକା ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ଆଲୋଚନାଚକ୍ର, ପଲ୍ଲୀଶ୍ରୋତା ମଣ୍ଡଳୀ ଆଦି ଗଠନ କରାଯାଇ ଆକାଶବାଣୀ ତରଫରୁ କୃଷକମାନଙ୍କ ଉଦ୍ଦେଶ୍ୟରେ ଆଧୁନିକ ଚାଷ ପ୍ରଣାଳୀ, ସାର ପ୍ରୟୋଗ, ଫସଲ ସଂରକ୍ଷଣ ବ୍ୟବସ୍ଥା ଆଦି ସମ୍ପର୍କରେ ବ୍ୟାପକ ପ୍ରଚାର କରାଯାଉଥିଲେ ମଧ୍ୟ ଆମର ଚାଷୀମାନେ ଏ ଦିଗରେ ଆଗୁଆର ହୋଇ ପାରୁନାହାନ୍ତି ।

**କୃଷି ଉତ୍ପାଦନ କ୍ଷେତ୍ରରେ . .**

ଆମ ରାଜ୍ୟରେ କୃଷି କ୍ଷେତ୍ରରେ ନିୟୋଜିତ କୃଷକ ପରିବାର ଆମ ବାପ ଅଜାଙ୍କ ଅମଳରୁ ଚାଲିଆସୁଥିବା କୃଷି ପ୍ରଣାଳୀକୁ ଅନୁସରଣ କରି ଆସୁଛନ୍ତି । ବୈଜ୍ଞାନିକ କୃଷି ପରିବର୍ତ୍ତେ ଅଭିଜ୍ଞତାଲବ୍ଧ ପାରମ୍ପରିକ କୃଷି ପଦ୍ଧତିରେ ଆମ ଚାଷୀମାନଙ୍କର ଅଗାଧ ବିଶ୍ୱାସ । ତେଣୁ କୃଷି ତଥା କୃଷି ପଦ୍ଧତିର ସଂସ୍କାର ଘଟିପାରୁନାହିଁ ।

କୃଷିର ଉନ୍ନତି ପାଇଁ ଜାତୀୟ ବ୍ୟାଙ୍କମାନଙ୍କରୁ କୋଟି କୋଟି ଟଙ୍କା ଋଣ ଦିଆଯିବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଗାଁ ମହାଜନଙ୍କ ସିରସ୍ତାରୁ ଭିଡ଼ ଶାମୁନାହିଁ । ବ୍ୟାଙ୍କ ସୁଧ ତୁଳନାରେ ୫ ଗୁଣରୁ ୧୦ଗୁଣ ଅଧିକ ସୁଧ ଦେଇ ଏବେ ମଧ୍ୟ ଚାଷୀମାନେ ଏହି ଗାଁ ମହାଜନଙ୍କ ନିକଟରୁ ଟଙ୍କା କରଜ ନେଉଛନ୍ତି । ଏହା ଛଡ଼ା ସୁବିଧାରେ ଚାଷୀମାନଙ୍କୁ ଉନ୍ନତ ତଥା ଅଧିକ ଅମଳକ୍ଷମ ବିହନ, ସାର, ପୋକମରା ଔଷଧ ଆଦି ଉଚିତ ମୂଲ୍ୟରେ କେବଳ ଯୋଗାଇଦେଲେ ଯଥେଷ୍ଟ ହେବନାହିଁ, ଚାଷୀମାନେ ସେ ସବୁର ଠିକ୍ ଠିକ୍ ପ୍ରୟୋଗ ବିଧି ନଜାଣିଲେ ଆମର ସମସ୍ତ ଉଦ୍ୟମ ପଣ୍ଡହେବ । ଆଉ ମଧ୍ୟ ଚାଷର ଆୟ ବ୍ୟୟ ହିସାବ ଠିକ୍‌ଭାବେ କରି ନପାରିଲେ ଏବଂ କେଉଁ ଫସଲ କଲେ କେତେ ଲାଭହେବ, ତାହା ଜାଣି ନପାରିଲେ ଅଧିକ ଅମଳକ୍ଷମ ଫସଲ ଚାଷ କରିବାର କିମିଆ ଚାଷୀ ନିଜେ ତ ବୁଝି ପାରିବନାହିଁ, ଅନ୍ୟକୁ ଅବା କିପରି ବୁଝାଇବ ।

ଏସବୁ ଦୃଷ୍ଟିରୁ ଚାଷୀମାନଙ୍କ ପକ୍ଷେ ଶିକ୍ଷା ଏକାନ୍ତ ପ୍ରୟୋଜନ । ଆମର ଚାଷୀମାନେ ଶିକ୍ଷିତ ନହେଲେ ଆମର ସମସ୍ତ ଉଦ୍ୟମ ଆଂଶିକ ଭାବରେ ସଫଳ ହେଲେ ମଧ୍ୟ ଲକ୍ଷ୍ୟ ସ୍ଥଳରେ ଆମେ ପହଞ୍ଚି ପାରିବାନାହିଁ ।

ଶିକ୍ଷିତ ଚାଷୀ ବୈଜ୍ଞାନିକ ଚାଷ ପଦ୍ଧତି ଟିକିନିଖି ଭାବେ ବୁଝିପାରିବା ସଙ୍ଗେ ସଙ୍ଗେ ପ୍ରତିବେଶୀ ଚାଷୀ ସାଙ୍ଗରେ କଥାବାର୍ତ୍ତା କରି କି ଫସଲ ଖସଡ଼ା ଅନୁସରଣ କଲେ ବ୍ୟକ୍ତିଗତ ଭାବରେ ଅଥବା ସାମୂହିକ ଭାବେ ଲାଭବାନ ହୋଇ-ପାରିବେ, ତାହା ସ୍ଥିର କରିପାରିବ । ନିଜର ଚାଷ ସଂକ୍ରାନ୍ତ ବିଭିନ୍ନ ସମସ୍ୟା ନିଜେ ଉପଲବ୍ଧି କରି କୃଷି ବିଶେଷଜ୍ଞଙ୍କ ନିକଟରେ ସେ ସବୁକୁ ଉପସ୍ଥାପିତ କରି ସମାଧାନ କରିପାରିବ । କୃଷି ବିଶେଷଜ୍ଞମାନେ ପ୍ରତିଦିନ ଚାଷ ସମ୍ପର୍କରେ ଯେଉଁ ନୂଆ ନୂଆ ତଥ୍ୟ ଆବିଷ୍କାର କରୁଛନ୍ତି, ସେ ସବୁକୁ ବିଭିନ୍ନ ସଂସ୍ଥା ଜରିଆରେ ଚାଷୀମାନଙ୍କ ପାଖରେ ପହଞ୍ଚାଇ ଦିଆଯାଉଛି । କେବଳ ଶିକ୍ଷିତ ଚାଷୀମାନେ ହିଁ ଏହିସବୁ ତଥ୍ୟକୁ କୃଷି କ୍ଷେତ୍ରରେ ସଫଳ ରୂପେ ଉପଯୋଗ କରି ଲାଭବାନ ହୋଇପାରିବେ ।

ଭାରତର ଲୋକସଂଖ୍ୟାର ଶତକଡ଼ା ୨୬ ଭାଗ ସାକ୍ଷର ଥିଲାବେଳେ ଆମ ରାଜ୍ୟରେ ସାକ୍ଷରଙ୍କ ସଂଖ୍ୟା ଶତକଡ଼ା ୨୧ ଭାଗରୁ ବି କମ୍ । ପୁନଶ୍ଚ ଆମ ରାଜ୍ୟରେ ଦେଢ଼କୋଟି ଏକର ଜମିରେ କୋଟିକରୁ ଅଧିକ ଲୋକ ନିର୍ଭର କରିବା ସଙ୍ଗେ ସଙ୍ଗେ ଚାଷ କାମରେ ନିୟୋଜିତ ଅଛନ୍ତି । ଏମାନଙ୍କ ମଧ୍ୟରେ ସାକ୍ଷର ସଂଖ୍ୟା ଆହୁରି କମ୍ । ତେଣୁ ନିରକ୍ଷର ଚାଷୀଙ୍କୁ ଉନ୍ନତ କୃଷି ପଦ୍ଧତି ସମ୍ପର୍କରେ ଶିକ୍ଷା ଦେବାପାଇଁ ବ୍ୟାପକ ଉଦ୍ୟମ ହେବା ଆବଶ୍ୟକ ।

ନିରକ୍ଷରତା ରୂପକ ବ୍ୟାଧିକୁ ଜାତିକୁ ଉଦ୍ଧାରିବାକୁ ହେଲେ ସରକାରୀ ଓ ବେସରକାରୀ ସ୍ତରରେ ଆମର ସମସ୍ତ ଉଦ୍ୟମ କେନ୍ଦ୍ରୀଭୂତ ହେବା ଉଚିତ । ନିରକ୍ଷରତା ଦୂରୀକରଣ କାର୍ଯ୍ୟକ୍ରମ କୃଷି ଉତ୍ପାଦନ ବୃଦ୍ଧିଭଳି ଆମ ଜାତୀୟ ସମସ୍ୟା ସମାଧାନରେ ସହାୟକ ହୋଇପାରିବ ।



ଆମର କେତେଜଣ ପ୍ରଗତିଶୀଳ ଚାଷୀ

ଓଡ଼ିଶାରେ ଆଗୁଆ ଯୋଜନା ରୂପେ ବାଲେଶ୍ୱର, ପୁରୀ, ସମ୍ବଲପୁର ଓ ଗଞ୍ଜାମରେ ଗୋଟିଏ ଗୋଟିଏ କୃଷକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇ ସାକ୍ଷର କୃଷକଙ୍କୁ ଅଧିକ ଅମଳକ୍ଷମ ଚାଷବାସ ସମ୍ପର୍କରେ ଶିକ୍ଷା ଦିଆଯାଉଛି । ଭ୍ରାମ୍ୟମାଣ କୃଷି ସମ୍ପ୍ରସାରଣ କର୍ମଚାରୀମାନେ ଗ୍ରାମାଞ୍ଚଳରେ ଚାଷୀମାନଙ୍କ ଜମିରେ ଅଧିକ ଅମଳକ୍ଷମ ଓ ବୈଜ୍ଞାନିକ ପଦ୍ଧତିରେ ଚାଷକରି ଚାଷୀମାନଙ୍କୁ ଏ ଦିଗରେ ତାଲିମ ଦେଉଛନ୍ତି । ଚାଷୀର ବିଭିନ୍ନ ସମସ୍ୟା କୃଷି ବିଶେଷଜ୍ଞମାନଙ୍କ ପାଖକୁ ଆଣୁଛନ୍ତି । ସେମାନେ ଯେଉଁସବୁ ବୈଷୟିକ ପରାମର୍ଶ ଦେଉଛନ୍ତି ସେସବୁ ଆକାଶବାଣୀ ମାଧ୍ୟମରେ, ପୁସ୍ତିକା ଆକାରରେ ଅଥବା ସମ୍ବାଦପତ୍ର ଜରିଆରେ ଚାଷୀମାନଙ୍କ ନିକଟରେ ପହଞ୍ଚାଇ ଦିଆଯାଉଛି । ଗ୍ରାମାଞ୍ଚଳରେ ତାଲିମପ୍ରାପ୍ତ କୃଷକଙ୍କୁ ସମ୍ବାଦଦାତା ରୂପେ ନିଯୁକ୍ତ କରି ଚର୍ଚ୍ଚା ମଣ୍ଡଳୀ ଜରିଆରେ କୃଷି ସଂକ୍ରାନ୍ତ ତଥ୍ୟ ନିୟମିତ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି ।

କୃଷି ଶିକ୍ଷାର ପ୍ରସାର ନିମନ୍ତେ କୃଷକ ତାଲିମ କେନ୍ଦ୍ର ପ୍ରତିଷ୍ଠିତ ହୋଇଥିବା ବାଲେଶ୍ୱର, ପୁରୀ, ସମ୍ବଲପୁର, ଗଞ୍ଜାମ ଜିଲ୍ଲାରେ ଶିକ୍ଷା ବିଭାଗ ଜରିଆରେ ବ୍ୟାପକ ଉଦ୍ୟମ ଚାଲିଛି ।

ଆମର ନିରକ୍ଷର ଚାଷୀମାନଙ୍କୁ ସାକ୍ଷର କରାଇପାରିଲେ ସେମାନେ ଆଧୁନିକ କୃଷି ପଦ୍ଧତି ଅନୁସରଣ କରି କୃଷି ଉତ୍ପାଦନ ଯେ ବହୁ ପରିମାଣରେ ବୃଦ୍ଧି କରିପାରନ୍ତେ ଏଥିରେ କୌଣସି ସନ୍ଦେହନାହିଁ ।

# ସଞ୍ଚୟର ଆଉ ଏକ ଅଭିନବ ଉପାୟ

ଦୁଇ ବର୍ଷିଆ ଡାକଘର ମିଆଦୀ
ଜମା ପରିକଳ୍ପନା

ଭାରତୀୟ ଡାକଘର ଗୁଡ଼ିକ ବ୍ୟକ୍ତି ବିଶେଷଙ୍କଠାରୁ ଓ ସବ ପ୍ରାପ୍ତ ପ୍ରତିଷ୍ଠାନଙ୍କ ଜରିଆରେ ନୂଆକରି ପ୍ରଚଳିତ ଦୁଇ ବର୍ଷିଆ ଡାକଘର ମିଆଦୀ ଜମା ପରିକଳ୍ପନା ନିମନ୍ତେ ଜମା ଗ୍ରହଣ କରିବେ ।

ଏଥିରେ ସୁଧର ହାର ହେଉଛି ଶତକଡ଼ା 7 ଓ ବର୍ଷକୁ ବର୍ଷ ସୁଧ ଦିଆଯିବାର ବ୍ୟବସ୍ଥା ଅଛି । ଅବଶ୍ୟ ଆୟକର ଲାଗୁ ହେବ । ମୂଳରୁ ଆୟକର କାଟି ନିଆଯିବ ନାହିଁ । ଏଣୁ ଅନ୍ୟ କେତେକ ଅନୁମୋଦିତ ପୁଞ୍ଜି ଲଗାଣ ସହିତ ମିଶି 3000 ଟଙ୍କା ପର୍ଯ୍ୟନ୍ତ ସୁଧରୁ ଆୟ ଉପରେ କର ଛାଡ଼ ମିଳେ । ହିସାବ ଖୋଲା ରହିଥିଲେ 2-ବର୍ଷିଆ ଜମାଗୁଡ଼ିକ 3-ବର୍ଷିଆ ଜମା ହିସାବରେ ପରିବର୍ତ୍ତିତ ହୋଇ ପାରିବ ।

ଏହି ଅଭିନବ ପରିକଳ୍ପନା
1973 ମସିହା ଅଗଷ୍ଟ ପହିଲାଠାରୁ
ପ୍ରଚଳନ କରାଯାଇଛି ।

## ଉଜ୍ଜ୍ୱଳତର ଆସନ୍ତାକାଲି ନିମନ୍ତେ ଆଜିଠୁଁ ସଞ୍ଚୟ କରନ୍ତୁ

ବିଶେଷ ବିବରଣୀ ନିମନ୍ତେ : ଜାତୀୟ ସଞ୍ଚୟ କମିଶନର, ଭାରତ ସରକାର, ପୋ. ବ. ନଂ. ୨୬, ନାଗପୁରକୁ
କିମ୍ବା
ଆଞ୍ଚଳିକ ନିର୍ଦ୍ଦେଶକ, ଜାତୀୟ ସଞ୍ଚୟ ସଙ୍ଗଠନ, ଭାରତ ସରକାର, କଟକକୁ ଲେଖନ୍ତୁ ।

davp 73/313

# ଓଡ଼ିଶାରେ କେନ୍ଦୁପତ୍ର ଜାତୀୟକରଣ

**ଶ୍ରୀ ଶ୍ରୀପାଲ ଜୀ**
**କଞ୍ଜରଭେଟର ଅଫ ଫରେଷ୍ଟ**

ଓଡ଼ିଶା କିମ୍ବା ଭାରତରେ କେବଳ ନୁହେଁ, ଆମର ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ, ବଙ୍ଗଳାଦେଶ ସମେତ ନେପାଳ, ଶ୍ରୀଲଙ୍କା, ମଧ୍ୟ-ପ୍ରାଚ୍ୟ ତଥା ଆଫ୍ରିକା ମହାଦେଶର ବିଭିନ୍ନ ସ୍ଥାନରେ ବହୁ କାଳରୁ ବିଡ଼ିର ପ୍ରଚଳନ ଅଛି । ଆମ ଦେଶରେ ବିଡ଼ି ସାଙ୍ଗକୁ ପିକା ଓ ହୁକାର ପ୍ରଚଳନ ବି ରହିଛି । ଦକ୍ଷିଣ ଭାରତର ବହୁ ଅଞ୍ଚଳରେ ପିକା ବା ଦେଶୀ ଚୁରୁଟ୍ ବିଶେଷ ଲୋକପ୍ରିୟ । କିନ୍ତୁ ପିକାର ଭଟେ ଲକ୍ଷଯୋଗ୍ୟ ଏହାର ବ୍ୟବହାର କ୍ରମଶଃ ହ୍ରାସ ପାଉଛି । ସେହିପରି ଉତ୍ତର ଭାରତରେ ହୁକା ଏକ ସୌଖୀନ ଧୂମପାନ ରୂପେ ବିବେଚିତ ହେଉଅଛି । ବ୍ୟୟ ବାହୁଲ୍ୟ ହେତୁ ଅବଶ୍ୟ ଏହାର ବ୍ୟବହାର କ୍ରମଶଃ କମିବାକୁ ବସିଲାଣି । କିନ୍ତୁ ଦେଶର ସବୁ ଅଞ୍ଚଳରେ ବିଡ଼ିର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି । ବିଡ଼ିର ବହୁଳ ପ୍ରସାରର ମୂଳ କାରଣ ହେଲା ଏହା ଖୁବ୍ ଶସ୍ତା ।

ବିଡ଼ିର ପ୍ରଧାନ ଉପାଦାନ ହେଲା କେନ୍ଦୁପତ୍ର । ଯଦିଓ ଆମ ଦେଶରେ ବିଭିନ୍ନ ପ୍ରକାରର ପତ୍ରର ଅଭାବ ନାହିଁ, ତଥାପି ବିଡ଼ି ତିଆରିପାଇଁ କେନ୍ଦୁପତ୍ରହିଁ ସବୁଠାରୁ ଉତ୍କୃଷ୍ଟ ବୋଲି ବିବେଚିତ ହୋଇ ଆସିଛି ।

ଆମ ଦେଶରେ ଓଡ଼ିଶା ସମେତ ବିହାର, ପଶ୍ଚିମ ବଙ୍ଗ, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର ପ୍ରଭୃତି ବହୁ ରାଜ୍ୟରେ କେନ୍ଦୁ ଗଛ ଦେଖିବାକୁ ମିଳେ । ଏହି ଗଛର ଉଚ୍ଚତା ସାଧାରଣତଃ ୩୦ ଫୁଟରୁ ୪୦ ଫୁଟ । ଅନୁକୂଳ ଜଳବାୟୁରେ ଏହାର ଉଚ୍ଚତା ୬୦ ଫୁଟରୁ ବି ଅଧିକ ହୋଇଥାଏ ।

କେନ୍ଦୁଗଛର ପତ୍ର ବିଡ଼ିର ଏକ ପ୍ରଧାନ ଉପାଦାନ ହୋଇଥିବାରୁ ବଜାରରେ ଏହି ପତ୍ରର ବିଶେଷ ସୁବିଧା ରହିଛି । କିନ୍ତୁ ବଡ଼ କେନ୍ଦୁ ଗଛର ପତ୍ର ବିଡ଼ିପାଇଁ ଅନୁପଯୁକ୍ତ । ବିଡ଼ି ତିଆରିପାଇଁ ଏକ ଫୁଟରୁ ଦୁଇଫୁଟ ଉଚ୍ଚତା ବିଶିଷ୍ଟ ଛୋଟ ଛୋଟ ବୁଦାରୁ ସଂଗୃହୀତ ପତ୍ର ବ୍ୟବହାର କରାଯାଇଥାଏ । ସାଧାରଣତଃ ଅନାବାଦୀ ଓ ଟାଙ୍ଗର ଜଙ୍ଗଲ ଜମିରେ ଏଭଳି ବୁଦା ଉଠିଥାଏ । ପ୍ରତି ବର୍ଷ ଏହି କେନ୍ଦୁ ବୁଦାଗୁଡ଼ିକୁ ମୂଳରୁ କାଟିବାକୁ ପଡ଼େ । ଏଭଳି କାଟିବା ଦ୍ୱାରା ପ୍ରତିବର୍ଷ ମୂଳରୁ ବହୁସଂଖ୍ୟକ ନୂଆ ଗଜା ବାହାରି ଖୁବ୍ କମ ସମୟ ମଧ୍ୟରେ ଫୁଟେ ଦୁଇଫୁଟ ଉଚ୍ଚର ଝଙ୍କାଳିଆ ଗଛ ହୁଏ ।

ଓଡ଼ିଶାର ସମ୍ବଲପୁର, କଳାହାଣ୍ଡି, ସୁନ୍ଦରଗଡ଼, ବଲାଙ୍ଗୀର, କୋରାପୁଟ, ଢେଙ୍କାନାଳ, ଫୁଲବାଣୀ ଓ କେନ୍ଦୁଝର ଆଦି ଜିଲ୍ଲାମାନଙ୍କରେ ବିସ୍ତୃତ ଅଞ୍ଚଳରେ ଏଭଳି କେନ୍ଦୁ ବୁଦା ଉଠିଥାଏ । ସ୍ୱାଧୀନତା ପୂର୍ବରୁ ଏ ସମସ୍ତ ଅଞ୍ଚଳ ଗଡ଼ଜାତ ଅଥବା ଜମିଦାରୀ ଅଞ୍ଚଳରେ ଅନ୍ତର୍ଭୁକ୍ତ ଥିଲା । ତେଣୁ ସେତେବେଳେ କେବଳ ଗଡ଼ଜାତମାନଙ୍କରେ ହିଁ କେନ୍ଦୁପତ୍ର ବ୍ୟବସାୟ ସୀମାବଦ୍ଧ ରହିଥିଲା ଏବଂ ଦେଶୀୟ ରାଜ୍ୟର ତତ୍କାଳୀନ ଶାସକମାନେ ବ୍ୟବସାୟୀମାନଙ୍କୁ କେନ୍ଦୁପତ୍ର ଠିକା ଦେଇ ଅଳ୍ପ କିଛି ରାଜସ୍ୱ ଆଦାୟ କରୁଥିଲେ । କିନ୍ତୁ ସ୍ୱାଧୀନତା ପରେ କେନ୍ଦୁପତ୍ର ବିଶେଷ ଲାଭଜନକ ବ୍ୟବସାୟ ବୋଲି ଜଣାପଡ଼ିବାରୁ କ୍ରମଶଃ ଏହା ଉପରେ ସମସ୍ତଙ୍କର ଦୃଷ୍ଟି ପଡ଼ିଲା । ଫଳରେ ସରକାରୀ ନିୟନ୍ତ୍ରଣରେ ଏହି ବ୍ୟବସାୟ କରାଯିବା ସପକ୍ଷରେ ମତାମତ ପ୍ରକାଶ ପାଇଲା । ତଦନୁଯାୟୀ ପ୍ରଥମେ କେନ୍ଦୁପତ୍ର କଣ୍ଟ୍ରୋଲ ଅର୍ଡର ଓ ପରେ ୧୯୬୨ ମସିହାରେ କେନ୍ଦୁପତ୍ର ନିୟନ୍ତ୍ରଣ ଆଇନ ପ୍ରଣୟନକରି ସରକାର ଏଜେଣ୍ଟ ଓ ଖରିଦଦାର ସାହାଯ୍ୟରେ ନିଜେ କାରବାର ଚଳାଉଛି ପଦ୍ଧତିରେ କେନ୍ଦୁପତ୍ର ବିକ୍ରୟ କରୁଥିଲେ । ଏଭଳି କାରବାର ୧୯୭୨ ମସିହା ନଭେମ୍ବର ମାସ ପର୍ଯ୍ୟନ୍ତ ଚାଲିଥିଲା ।

କିନ୍ତୁ ୧୯୭୨ ମସିହା ନଭେମ୍ବର ମାସରେ ରାଜ୍ୟ ସରକାର ଏ ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ କେନ୍ଦୁପତ୍ର ବ୍ୟବସାୟକୁ ସମ୍ପୂର୍ଣ୍ଣରୂପେ ଜାତୀୟକରଣ କଲେ ଏବଂ ରାଜ୍ୟ ଜଙ୍ଗଲ ବିଭାଗ ଓ ଓଡ଼ିଶା ଜଙ୍ଗଲ କର୍ପୋରେସନ ଜରିଆରେ କେନ୍ଦୁପତ୍ର ବ୍ୟବସାୟକୁ ନିଜ ହାତକୁ ନେଲେ । ଜାତୀୟକରଣର ପ୍ରଧାନ ଉଦ୍ଦେଶ୍ୟ ହେଲା, ରାଜ୍ୟ ସରକାର ଏବଂ ବିଭିନ୍ନ ବିଡ଼ି ଶିଳ୍ପ ଭିତରେ ରହିଥିବା ମଧ୍ୟବର୍ତ୍ତୀ ବ୍ୟବସାୟକୁ ସମ୍ପୂର୍ଣ୍ଣରୂପେ ବିଲୋପ କରି ରାଜସ୍ୱ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ପତ୍ର ସଂଗ୍ରହକାରୀମାନଙ୍କୁ ଉଚିତ ପାରିଶ୍ରମିକ ଦେବା ।

ଜଙ୍ଗଲରୁ କେବଳ କେନ୍ଦୁପତ୍ର ସଂଗ୍ରହ କରି ଆଣିଲେ କାମ ଶେଷ ହୋଇଯାଏ ନାହିଁ । ଏହି ପତ୍ରକୁ ବିଭିନ୍ନ ପ୍ରଣାଳୀରେ ପ୍ରସ୍ତୁତ କରି ବ୍ୟବହାର ଉପଯୋଗୀ କରିବାକୁ ପଡ଼ିଥାଏ । ତେଣୁ ପତ୍ର ସଂଗ୍ରହଠାରୁ ଆରମ୍ଭ କରି ପତ୍ରକୁ ବିଡ଼ି ଉପଯୋଗୀ କରିବାଯାଏ ସମସ୍ତ ଦାୟିତ୍ୱ ବନବିଭାଗ ଉପରେ ନ୍ୟସ୍ତ କରାଯାଇଛି । ଏଥିନିମନ୍ତେ ସୁରିକୋଟି ଅଶିଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ହୋଇଛି । ଏହି ଖର୍ଚ୍ଚ ତୁଲାଇବାପାଇଁ ଓଡ଼ିଶା ଜଙ୍ଗଲ କର୍ପୋରେସନ ଅଗ୍ରିମ ଦେଇ

ହିସାବରେ ୩ କୋଟି ୬୦ ଲକ୍ଷ ଟଙ୍କା ବ୍ୟାଙ୍କରୁ ଋଣ ଆଣି ଜଙ୍ଗଲ ବିଭାଗକୁ ପ୍ରଦାନ କରିଛନ୍ତି । କେନ୍ଦୁପତ୍ର ପ୍ରସ୍ତୁତ ହୋଇସାରିବା ପରେ ଜଙ୍ଗଲ କର୍ପୋରେସନ ଏଜେଣ୍ଟରୂପେ ସେ ସବୁକୁ ଜଙ୍ଗଲ ବିଭାଗଠାରୁ ଖରିଦ କରିବେ ଏବଂ ଉପରୋକ୍ତ ଧାର୍ଯ୍ୟମ ଦେୟତ୍ର ପତ୍ରର ମୂଲ୍ୟ ଭରଣା କରାଯିବ । ସେଥିପାଇଁ ଜଙ୍ଗଲ ବିଭାଗ ଓ ଜଙ୍ଗଲ କର୍ପୋରେସନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

କେନ୍ଦୁପତ୍ର ବ୍ୟବସାୟର ସୁପରିଚାଳନା ଉଦ୍ଦେଶ୍ୟରେ କେନ୍ଦୁପତ୍ର ଉତ୍ପନ୍ନ ହେଉଥିବା ଅଞ୍ଚଳକୁ ୩ ଗୋଟି ମଣ୍ଡଳରେ ବିଭକ୍ତ କରାଯାଇଛି । ଏଗୁଡ଼ିକ ହେଲା—କଟକ, ବଲାଙ୍ଗୀର ଓ ସମ୍ବଲପୁର । ପୁନର୍ବାର ଏହି ମଣ୍ଡଳଗୁଡ଼ିକୁ ନିମ୍ନଲିଖିତ ଫରେଷ୍ଟ ଡିଭିଜନରେ ବିଭକ୍ତ କରାଯାଇଛି :

କଟକ ମଣ୍ଡଳ .. ଅନୁଗୋଳ, ଆଠମଲ୍ଲିକ, ବୌଦ୍ଧ-ଫୁଲବାଣୀ ଓ କେନ୍ଦୁଝର ।

ବଲାଙ୍ଗୀର ମଣ୍ଡଳ .. ବରଗଡ଼, ବଲାଙ୍ଗୀର, ଭବାନୀପାଟଣା, ପାଟଣାଗଡ, ଜୟପୁର, ପଦ୍ମପୁର ଓ ଖଡ଼ିଆଳ ।

ସମ୍ବଲପୁର ମଣ୍ଡଳ .. ସମ୍ବଲପୁର, ରେଢାଖୋଲ, ଝାରସୁଗୁଡା, କୁଚିଣ୍ଡା, ଦେଓଗଡ ଓ ରାଉରକେଲା ।

କେନ୍ଦୁପତ୍ର ଉତ୍ପାଦନ ପରିମାଣ ଅନୁଯାୟୀ ପ୍ରତ୍ୟେକ ଡିଭିଜନକୁ ବିଭିନ୍ନ ରେଞ୍ଜରେ ବିଭକ୍ତ କରାଯାଇଛି ଏବଂ ବର୍ତ୍ତମାନ ଏହିଭଳି ରେଞ୍ଜର ସଂଖ୍ୟା ହେଲା ୧୫୦ । ଏହାଛଡା ପ୍ରତ୍ୟେକ ରେଞ୍ଜକୁ କେତୋଟି ସେକ୍ସନରେ ଓ ପ୍ରତ୍ୟେକ ସେକସନ ଅଧୀନରେ ୬ରୁ ଅଧିକ ସଂଖ୍ୟାକ ଫଡ଼ି ବା କ୍ରୟ କେନ୍ଦ୍ର ରହିଛି । କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟ ଯେପରି ନିର୍ବିଘ୍ନରେ ଚାଲିବ, ସେଥିପାଇଁ ବହୁସଂଖ୍ୟକ ସ୍ଥାୟୀ ଓ ସାମୟିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ସ୍ଥାୟୀଭାବେ ୧୧୧୩ ଜଣ ଏବଂ ଅସ୍ଥାୟୀଭାବେ ୧୬୧୩୦ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ।

ଉତ୍କୃଷ୍ଟ ଧରଣର କେନ୍ଦୁପତ୍ର ଉତ୍ପାଦନ ଉପରେ ଏହି ବ୍ୟବସାୟର ସଫଳତା ନିର୍ଭର କରିଥାଏ । କିନ୍ତୁ ଫସଲରେ ଯେପରି ରୋଗ ପୋକର ଆକ୍ରମଣ ସମ୍ଭାବନା ଥାଏ, କେନ୍ଦୁପତ୍ର ମଧ୍ୟ ସେହିଭଳି ରୋଗ ପୋକ ଆକ୍ରମଣରୁ ବାଦ୍ ପଡ଼ିନାହିଁ । ତେଣୁ ଉତ୍କୃଷ୍ଟ ଧରଣର କେନ୍ଦୁପତ୍ର ଅଧିକ ପରିମାଣରେ କିପରି ଉତ୍ପାଦନ ହୋଇପାରିବ, ସେ ବିଷୟ ଅନୁଧ୍ୟାନ କରିବାପାଇଁ ଜଣେ ଗବେଷକଙ୍କୁ ନିଯୁକ୍ତି ଦେବାପାଇଁ ପ୍ରସ୍ତାବ ରହିଛି । ପତ୍ରର ରୋଗ, ବିଭିନ୍ନ ପ୍ରକାର କୀଟ ଆକ୍ରମଣ ଯୋଗୁଁ ପତ୍ରର ଗୁଣ ଖରାପ ହୋଇଯାଉଥିବା ବିଷୟ ଅନୁସନ୍ଧାନ କରିବା ସଙ୍ଗେ ସଙ୍ଗେ ପ୍ରତିଷେଧକ ଓ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ବି ସେ ପରାମର୍ଶ ଦେବେ ।

## ଲକ୍ଷ୍ୟ ହାସଲ

ଇତିପୂର୍ବରୁ ଆମ ରାଜ୍ୟରେ ବାର୍ଷିକ ହାରାହାରି ୩,୪୨,୦୦୦ କୁଇଣ୍ଟାଲ କେନ୍ଦୁପତ୍ର ଉତ୍ପାଦିତ ହେଉଥିଲା । ଚଳିତ ବର୍ଷ ରାଜ୍ୟ ସରକାର ଏହି ବ୍ୟବସାୟ ହାତକୁ ନେବାପରେ କେନ୍ଦୁପତ୍ର ଉତ୍ପାଦନର ପରିମାଣ ୩ ଲକ୍ଷ ୬୦ ହଜାର କୁଇଣ୍ଟାଲ ହେବବୋଲି ପ୍ରଥମେ ଅଟକଳ କରାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ମିଳିଥିବା ହିସାବରୁ ଜଣାପଡ଼ିଛି ଯେ, ଉତ୍ପାଦନର ପରିମାଣ ୪ ଲକ୍ଷ ୩୦ ହଜାର କୁଇଣ୍ଟାଲରୁ ଅଧିକ ହେବାର ସମ୍ଭାବନା ରହିଛି ।

ଜାତୀୟକରଣ ପୂର୍ବରୁ କେନ୍ଦୁପତ୍ର ବ୍ୟବସାୟରୁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୨ କୋଟି ୮୦ ଲକ୍ଷ ଟଙ୍କା ରାଜସ୍ୱ ପାଉଥିଲେ । ଜାତୀୟକରଣ ଫଳରେ ରାଜସ୍ୱର ପରିମାଣ ୩ କୋଟି ୬୦ ଲକ୍ଷ ଟଙ୍କାକୁ ବୃଦ୍ଧିପାଇବ ବୋଲି ପ୍ରାରମ୍ଭରେ ଅଟକଳ କରାଯାଇଥିଲା । କିନ୍ତୁ କେନ୍ଦୁପତ୍ର ଉତ୍ପାଦନ ପରିମାଣ ବୃଦ୍ଧି ପାଇଥିବା ଦୃଷ୍ଟିରୁ ଆଶା କରାଯାଉଛି ଯେ, କେବଳ କେନ୍ଦୁପତ୍ରରୁ ଜଙ୍ଗଲ ରାଜସ୍ୱ ୪ କୋଟି ଟଙ୍କାକୁ ବୃଦ୍ଧି ପାଇବ ।

---

## ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟକ୍ରମ

ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ କର୍‌ପୋରେସନ୍ ଢେଙ୍କାନାଳ ଜିଲ୍ଲା ନିମନ୍ତେ ଆଉ ଏକ ବିଦ୍ୟୁତ୍ ଯୋଗାଣ ଯୋଜନା ଅନୁମୋଦନ କରିଛନ୍ତି । ଏହାଫଳରେ କରପୋରେସନ୍ ସହାୟତାରେ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ ଯୋଜନାର ସଂଖ୍ୟା ୪କୁ ଏବଂ ସାରା ରାଜ୍ୟରେ ଏଭଳି ଯୋଜନା ୩୦କୁ ବୃଦ୍ଧି ପାଇଲା ।

ଢେଙ୍କାନାଳ ଜିଲ୍ଲା ଅନୁନ୍ନତ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶ ହାସଲ ଉଦ୍ଦେଶ୍ୟରେ ଏହି ନୂତନ ବିଦ୍ୟୁତ୍ ଯୋଜନାଟି ମଞ୍ଜୁର କରାଯାଇଛି । ଏହା ସଂପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଲେ ୬୦୦ ପାଣି-ପମ୍ପ ନିମନ୍ତେ ଏବଂ କୃଷି-ଭିତ୍ତିକ ୧୩୦ଟି କ୍ଷୁଦ୍ର ଶିଳ୍ପ କାରଖାନାକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇ ପାରିବ । ଏହାଛଡ଼ା ଘରୋଇ ବ୍ୟବହାର ନିମନ୍ତେ ୪୭ଟି ଗାଁକୁ ବି ବିଜୁଳି ଆଲୁଅ ଯୋଗାଇ ଦିଆଯିବ । ଏହି ଯୋଜନା ପାଇଁ ଋଣ ଆକାରରେ ବିଦ୍ୟୁତ୍ କର୍‌ପୋରେସନ୍ ୩୯ ଲକ୍ଷ ଟଙ୍କା ଯୋଗାଇ ଦେବେ ।

ଓଡ଼ିଶାର ଏଭଳି ୩୦ଟି ଯୋଜନା ପାଇଁ କର୍‌ପୋରେସନ୍ ମୋଟରେ ୧୩'୧ କୋଟି ଟଙ୍କା ଋଣ ଆକାରରେ ଯୋଗାଇ ଦେବେ । ଏହି ୩୦ଟି ଯୋଜନା ମଧ୍ୟରୁ ୧୭ଟି ଯୋଜନା ରାଜ୍ୟର ଅନୁନ୍ନତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ଏ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟର ୨୫୪୧ଟି ଗ୍ରାମକୁ ବିଜୁଳି ଆଲୁଅ ମିଳିପାରିବା ସଙ୍ଗେ ସଙ୍ଗେ ୩୬,୦୦୦ ପାଣି ପମ୍ପ ଓ ୪,୧୦୦ ଟି କ୍ଷୁଦ୍ର ଶିଳ୍ପ ତଥା କୃଷି-ଭିତ୍ତିକ ବିଭିନ୍ନ ଶିଳ୍ପ କାରଖାନାକୁ ବିଦ୍ୟୁତ୍ ଶକ୍ତି ମିଳି ପାରିବ । ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ଉଦ୍ୟମରେ ଏ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଛି ।

# ଶ୍ୱେତ ବିପ୍ଳବ

ଦିନ ଥିଲା ସେତେବେଳେ କି ଆମ ଦେଶରେ ଦୁଧ ଘିଅର ସ୍ରୋତ ଛୁଟୁଥିଲା। କିନ୍ତୁ ଆଜି ସେ ସବୁ ସ୍ୱପ୍ନ। ଖାଣ୍ଟି ଘିଅ ତ ଆହୁରି ଦୂରର କଥା। ଅନେକେ କଥା ପ୍ରସଙ୍ଗରେ ପଛ କଥା ମନେ ପକାଇ ଦୀର୍ଘ ନିଶ୍ୱାସ ଛାଡ଼ିଥାନ୍ତି। କିନ୍ତୁ ଦୁଧ ଘିଅ ସ୍ୱପ୍ନ ହେବା ପଛରେ ଅନ୍ୟ ଯାହା କିଛି କାରଣ ଥାଉନା କାହିଁକି ଦେଶରେ ଲୋକସଂଖ୍ୟା ବିସ୍ଫୋରଣ ସାଙ୍ଗକୁ କ୍ରମଶଃ ଅଧିକରୁ ଅଧିକ ଲୋକ ଦୁଧ ଘିଅ ବ୍ୟବହାର କରିବା ଫଳରେ ଆଜି ସେସବୁ ଯେ ଦୁଷ୍ପ୍ରାପ୍ୟ ହୋଇଛି ଏଥିରେ କୌଣସି ସନ୍ଦେହ ନାହିଁ। ଅବଶ୍ୟ ଏ ସବୁର ଚାହିଦା ଅନୁପାତରେ ଉତ୍ପାଦନ ବୃଦ୍ଧି ଦିଗରେ ଯଦି ଉଦ୍ୟମ କରାଯାଇଥାନ୍ତା, ତାହାହେଲେ ବର୍ତ୍ତମାନ ବି ଆମ ଦେଶରେ ପୂର୍ବଭଳି ଦୁଧ ଘିଅର ସ୍ରୋତ ଛୁଟୁଥାନ୍ତା।

## ଶ୍ୱେତ ବିପ୍ଳବ . .

ସୁଖର କଥା ଯେ ବିଳମ୍ବରେ ହେଲେ ବି ଏ ଦିଗରେ ସୁଚିନ୍ତିତ ଉଦ୍ୟମ ଆରମ୍ଭ ହୋଇସାରିଛି । ଏହା ଫଳରେ ୧୯୭୧-୭୨ ରେ ସମଗ୍ର ଦେଶରେ ୨୨·୫୦ ନିୟୁତ ମେଟ୍ରିକଟନ୍ ଦୁଧ ଉତ୍ପାଦିତ ହୋଇପାରିଛି । ବର୍ତ୍ତମାନ ୨୨ ଟି ଦୁଗ୍ଧ ଉତ୍ପାଦନ ଯୋଜନା, ୧୧ ଟି ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନ କେନ୍ଦ୍ର ଓ ୭୭ ଟି ଦୁଗ୍ଧଶାଳା ସମେତ ସମଗ୍ର ଦେଶରେ ୧୩୨ ଟି ଯୋଜନା କାର୍ଯ୍ୟକାରୀ ହେଉଛି ।

କିନ୍ତୁ ଦେଶରେ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ଚାହିଦା ଯେଉଁଭଳି ଅଧିକରୁ ଅଧିକ ବୃଦ୍ଧି ପାଇବାରେ ଲାଗିଛି, ତା ତୁଳନାରେ ଆମର ଏ ଉଦ୍ୟମ ଯଥେଷ୍ଟ ନୁହେଁ । ତେଣୁ ଦେଶରେ ସବୁଜ ବିପ୍ଳବ ସାଙ୍ଗକୁ "ଶ୍ୱେତ ବିପ୍ଳବ" କୁ ସଫଳ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଚଳାଯାଉଛି ।



ବମ୍ବେ ନିକଟସ୍ଥ ଆରେ ଦୁଗ୍ଧ ଶାଳା

ପ୍ରଚୁର ଦୁଧ ପାଇବାପାଇଁ ହେଲେ ଆମକୁ ଉନ୍ନତ ତଥା ଜାତିଆ ଗାଈ ଓ ମଇଁଷି ରଖିବାକୁ ପଡ଼ିବ । ଏ ଉଦ୍ଦେଶ୍ୟରେ ଦେଶର ବିଭିନ୍ନ ରାଜ୍ୟରେ ଗୋ-ଉନ୍ନୟନ ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ଏଉଳି ପରିକଳ୍ପନାର ଉଦ୍ଦେଶ୍ୟ ହେଲା, ଅଧିକ ଦୁଧ ଦେଇପାରୁଥିବା ଜାତିଆ ଗାଈ ସୃଷ୍ଟି କରିବା । ବର୍ତ୍ତମାନ ଦେଶରେ ଏଉଳି ଗାଈ ମଇଁଷି ବୃଦ୍ଧି କରିବା ପାଇଁ ୫ଟି ବୃହତ୍ ଧରଣର କେନ୍ଦ୍ରୀୟ ଫାର୍ମ ପ୍ରତିଷ୍ଠା କରାଯାଇଛି ଏବଂ ଖୁବ୍ ଶୀଘ୍ର ଆଉ ଦୁଇଟି ଫାର୍ମ ପ୍ରତିଷ୍ଠା କରାଯିବା ପାଇଁ ଉଦ୍ୟମ ଚାଲିଛି । ଏହିମଧ୍ୟରୁ ଗୋଟିଏ ଓଡ଼ିଶାର କୋରାପୁଟ ଜିଲାରେ ଏବଂ ଅନ୍ୟଟି ତାମିଲନାଡ଼ୁର ଧର୍ମପୁରୀଠାରେ ପ୍ରତିଷ୍ଠିତ ହେବ । କୋରାପୁଟ ଫାର୍ମରେ ଜରସୀ ଜାତୀୟ ଗାଈ ସୃଷ୍ଟି କରାଯିବ । ବର୍ତ୍ତମାନ ଦିଲ୍ଲୀ ଦୁଗ୍ଧ ଯୋଗାଣ ଯୋଜନାପାଇଁ ହରିୟାନାର କରନଲ ଓ ଗୁରୁଗାଓଁ, ରାଜସ୍ଥାନର ବିକାନିର ଏବଂ ଉତ୍ତର ପ୍ରଦେଶର ମିରଟଠାରେ ଜାତିଆ ଗାଈ ସୃଷ୍ଟି ଉଦ୍ଦେଶ୍ୟରେ ଏ ଧରଣର ପରିକଳ୍ପନା କାର୍ଯ୍ୟକାରୀ ହେଉଛି ।



ଦୁଗ୍ଧ ବୋତଲଗୁଡ଼ିକୁ ଯାନ୍ତ୍ରିକ ପ୍ରଣାଳୀରେ ପରିଶୋଧନ କରାଯାଉଛି

ଜାତିଆ ଗାଈ ଗାଈଙ୍କୁ ଉତ୍କୃଷ୍ଟ ଗୋଖାଦ୍ୟ ଯୋଗାଇବା ଦିଗରେ ବି ଆମର ଉଦ୍ୟମ ଅବ୍ୟାହତ ରହିଛି। ଗୋରୁମାନଙ୍କୁ ସୁସ୍ଥସବଳ କରି ରଖିବାପାଇଁ ରୋଗ ନିୟନ୍ତ୍ରଣ ଦିଗରେ ବି ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି।

ଗତବର୍ଷ ସୁଦ୍ଧା ପ୍ରଜନନ ଉଦ୍ଦେଶ୍ୟରେ ବିଭିନ୍ନ ଦେଶରୁ ୨୨୯୦ ଟି ଜାତିଆ ଗୋରୁଗାଈ ଆମଦାନୀ କରାଯାଇ ପ୍ରଜନନ କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଇଛି।




ରେଫ୍ରିଜେରେଟର ରେଳ ବଗିରେ ବହୁ ଦୂରସ୍ଥାନମାନଙ୍କୁ ଦୁଗ୍ଧ ପଠାଯିବାର ବ୍ୟବସ୍ଥା ହୋଇଛି



ଦୁଧିଆଳି ଗାଈ ଓ ମଇଁଷିକୁ ସୁସ୍ଥ ସବଳ ରଖିବା ପାଇଁ ସବୁପ୍ରକାର ଯତ୍ନ ନିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ମଧ୍ୟ ବ୍ୟାୟାମ କରିବାକୁ ପଡ଼ିଥାଏ ।

ଗୁଜୁରାଟସ୍ଥିତ ଆନନ୍ଦ ଦୁଗ୍ଧଶାଳାରେ ମଇଁଷିମାନଙ୍କୁ ସୁସ୍ଥ ସବଳ ରଖିବା ପାଇଁ ସେମାନଙ୍କୁ ଏ ଧରଣର ବ୍ୟାୟାମ କରିବାକୁ ହୋଇଥାଏ ।


ଆଉ ଗୋଟିଏ ସନ୍ତାନ ହେବା ଆଗରୁ
ଭାବନ୍ତୁ
ଯେଉଁ ପୁଅଝିଅ ଅଛନ୍ତି, ଆପଣ
ତାଙ୍କ ଠିକ୍ ଭାବରେ ଲାଳନ-
ପାଳନ କରି ପାରୁଛନ୍ତି ତ ?
ଆଉ ଗୋଟିଏ ସନ୍ତାନ ଆଶା ନ କରିବାଯାଏ ବ୍ୟବହାର କରନ୍ତୁ
NIRODH
ନିରୋଧ

# ଆମ ବିମାନ ବାହିନୀ

**ଶ୍ରୀ ସବ୍ୟସାଚୀ ପଟ୍ଟନାୟକ**
ତୃତୀୟ ବାର୍ଷିକ ବିଜ୍ଞାନ ଛାତ୍ର
ବକ୍ସି ଜଗବନ୍ଧୁ କଲେଜ, ଭୁବନେଶ୍ୱର

ଯୁଦ୍ଧ ସମୟରେ ସବୁଠାରୁ ଭୟାବହ ସମୟ ହେଉଛି ବିମାନ ଆକ୍ରମଣର ସମୟ । କାରଣ ବିମାନ ଆକ୍ରମଣ ଦ୍ୱାରା ସର୍ବାପେକ୍ଷା ଅଧିକ ଧନ ଜୀବନର କ୍ଷତି ଘଟିଥାଏ । ଆଜିକାଲି ଯୁଦ୍ଧରେ ବିଜୟ ପରାଜୟ ବିଶେଷ କରି ବିମାନ ବାହିନୀ ଉପରେ ନିର୍ଭର କରିଥାଏ । ଦ୍ୱିତୀୟ ମହାସମରରେ ଶକ୍ତିଶାଳୀ ଜାପାନକୁ ପରାଜିତ କରିବାରେ ଆମେରିକାର ଆକାଶ ବାହିନୀହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଆମେରିକାର ବିମାନ ବାହିନୀ ଜାପାନର ଦୁଇଟି ସମୃଦ୍ଧିଶାଳୀ ସହର—ନାଗାସାକୀ ଓ ହିରୋସୀମାରେ ପରମାଣୁ ବୋମା ନିକ୍ଷେପ କରି ଯେଉଁ ଧ୍ୱଂସଲୀଳା ଘଟାଇ ଥିଲା, ତାହା ଆଜି ବି ସ୍ମରଣ କଲେ ହୃତ୍‌କମ୍ପ ହୁଏ । ଏହି ଦୁଇଟି ସହର ଓ ସହରର ଅଗଣିତ ବାସିନ୍ଦା ନିମିଷକ ମାତ୍ରେ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇ ଯାଇଥିଲେ । ତେଣୁ ଏହି ବିମାନ ଆକ୍ରମଣର ଭୟାବହତା ଉପଲବ୍ଧି କରି ଯୁଦ୍ଧବେଳେ ଏଥିରୁ

ଉଦ୍ଧାର ପାଇବାପାଇଁ ବିଭିନ୍ନ ସତର୍କତା ଓ ନିରାପତ୍ତାମୂଳକ ବ୍ୟବସ୍ଥା ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ଦେଶବାସୀଙ୍କୁ ଏଥିପାଇଁ ସତର୍କ କରାଇ ଦିଆଯାଇଥାଏ ।

ବିଗତ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତର ବିଜୟ ସମ୍ଭବ ହୋଇପାରିଥିଲା ଆମ ଦେଶର ବିମାନ ବାହିନୀ ଯୋଗୁଁ । ଅବଶ୍ୟ ଏଦିଗରେ ପଦାତିକ ଓ ନୌ-ବାହିନୀର ଭୂମିକା ବି କୌଣସି ମତେ କମ୍ ନ ଥିଲା । ଯୁଦ୍ଧରେ ବିମାନ ଆକ୍ରମଣର ସଫଳତା ଉନ୍ନତ ଯୁଦ୍ଧ ବିମାନ, ବିମାନ ଚାଳକର ତାଲିମ ତଥା ଦକ୍ଷତା ଏବଂ ସୁପରିକଳ୍ପିତ ଆକ୍ରମଣ କୌଶଳ ଉପରେ ନିର୍ଭର କରିଥାଏ । ଭାରତୀୟ ଆକାଶ ବାହିନୀର ଅତି ଉନ୍ନତ କିମ୍ବା ଅତ୍ୟାଧୁନିକ ଯୁଦ୍ଧ ବିମାନ ନାହିଁ ସତ, କିନ୍ତୁ ଭାରତୀୟ ବୈମାନିକମାନଙ୍କର ଦକ୍ଷତା ଯୋଗୁଁ ସେମାନେ ଆଜି ଶ୍ରେଷ୍ଠ ବୈମାନିକର ଗୌରବ ଅର୍ଜନ କରିପାରିଛନ୍ତି ।

ଯୁଦ୍ଧରେ ବ୍ୟବହୃତ ବିମାନ ସାଧାରଣତଃ ଦୁଇ ପ୍ରକାର—ବୋମାବର୍ଷୀ ବିମାନ ଏବଂ ସୁରକ୍ଷା ବିମାନ । ଭାରତୀୟ ଆକାଶ ବାହିନୀର ବୋମାବର୍ଷୀ ବିମାନ ମଧ୍ୟରେ କାନବେରା (Canberra), ହଣ୍ଟର (Hunter) ଆଦି ଏବଂ ସୁରକ୍ଷା ବିମାନ ମଧ୍ୟରେ ମିଗ୍-୨୧ (Mig-21), ନାଟ୍ (Gnat), ଏଚ୍. ଏଫ୍-୨୪ (H. F.-24) ଇତ୍ୟାଦି ରହିଛି । ବୋମାବର୍ଷୀ ବିମାନଗୁଡ଼ିକୁ ସାଧାରଣତଃ ଯୁଦ୍ଧବେଳେ ଆକାଶମାର୍ଗରୁ ବୋମାବର୍ଷଣ କାର୍ଯ୍ୟରେ ନିଯୁକ୍ତ କରାଯାଇଥାଏ । ଏଗୁଡ଼ିକ ଖୁବ୍ କମ୍ ଉଚ୍ଚରେ ଓ ଅତି ବେଗରେ ଉଡ଼ିପାରେ । ସୁରକ୍ଷା ବିମାନ ବହୁ ଉଚ୍ଚରେ ଉଡ଼ିବା ସଙ୍ଗେ ସଙ୍ଗେ ଦ୍ରୁତଗତିରେ ବି ଯାଇପାରେ । ଯୁଦ୍ଧ ସମୟରେ ଏହି ବିମାନଗୁଡ଼ିକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏଗୁଡ଼ିକ ଦେଶର ସୀମା ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କର ଉପରେ ଆକାଶରେ ଉଡ଼ି ସେସବୁ ସ୍ଥାନର ସୁରକ୍ଷା କରିଥାନ୍ତି । ଶତ୍ରୁପକ୍ଷର କୌଣସି ବିମାନ ସୀମା ଭିତରକୁ ପଶି ଆସିଲେ କିମ୍ବା ଗୁରୁତ୍ୱପୂର୍ଣ୍ଣ ଜାଗାମାନଙ୍କରେ ଆକ୍ରମଣ କଲେ, ଏହି ସୁରକ୍ଷା କାର୍ଯ୍ୟରେ ନିୟୋଜିତ ବିମାନ ସଙ୍ଗେ ସଙ୍ଗେ ପ୍ରତି ଆକ୍ରମଣ କରି ଶତ୍ରୁପକ୍ଷର ବିମାନଗୁଡ଼ିକୁ ଖସାଇ ଦିଅନ୍ତି ଅଥବା ଦେଶର ସୀମା ବାହାରକୁ ହଟାଇ ଦିଅନ୍ତି । ତେଣୁ ଯୁଦ୍ଧ ସମୟରେ ସୁରକ୍ଷା ବିମାନଗୁଡ଼ିକୁ ବିମାନ ଘାଟୀରେ ସଦାସର୍ବଦା ପ୍ରସ୍ତୁତ କରି ରଖାଯାଇଥାଏ । ଯେ କୌଣସି ମୁହୂର୍ତ୍ତରେ ଶତ୍ରୁପକ୍ଷ ବିମାନର ସନ୍ଧାନ ଅଥବା ଆଭାସ ପାଇବା ମାତ୍ରେ ଆକାଶକୁ ଉଠି ପ୍ରତି ଆକ୍ରମଣ ଆରମ୍ଭ କରିଦିଅନ୍ତି ।

ଏହି ସୁରକ୍ଷା ବିମାନରୁ ପ୍ରତି ଆକ୍ରମଣ କରିବା ପାଇଁ ଏଥିରେ ଦୁଇଟି କିମ୍ବା ଚାରୋଟି ଶକ୍ତିଶାଳୀ ବନ୍ଧୁକ ଏବଂ ଏହାର ଉଭୟ ଡେଣାରେ ମିଜାଇଲ (Missile) କିମ୍ବା ରକେଟ (Rocket) ଖଞ୍ଜା ଯାଇଥାଏ । ଏଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ଅସ୍ତ୍ର । କୌଣସି ବିମାନ କିମ୍ବା ଭୂପୃଷ୍ଠର ଯେ କୌଣସି ପଦାର୍ଥ ଉପରେ ଲକ୍ଷ୍ୟ କରି ନିକ୍ଷେପ କରାଯିବା ମାତ୍ରେ ବୁମେରାଙ୍ଗ ଅସ୍ତ୍ରଭଳି ଏହା କାମ କରିଥାଏ । ବିଗତ ଚଉଦ ଦିନିଆ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତୀୟ ପାଇଲଟ୍‌ମାନେ ବିମାନରୁ ଏଭଳି ରକେଟ ଓ ମିଜାଇଲ ନିକ୍ଷେପ କରି କରାଚୀ ଏବଂ ଚଟ୍ଟଗ୍ରାମସ୍ଥିତ ବିଭିନ୍ନ ତେଲଟାଙ୍କୀ ଓ ବନ୍ଦରର ଜାହାଜଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଥିଲେ । ଏହି ମିଜାଇଲ୍ ଆକ୍ରମଣରୁ ରକ୍ଷା ପାଇବା ପାଇଁ ପାଇଲଟ୍‌ମାନେ ସାଧାରଣତଃ ଏକ ସ୍ୱତନ୍ତ୍ର କୌଶଳ ଅବଲମ୍ବନ କରିଥାନ୍ତି । ସେମାନେ ଯେତେବେଳେ ଜାଣିପାରନ୍ତି ଯେ ଶତ୍ରୁପକ୍ଷର ମିଜାଇଲ ତାଙ୍କ ଆଡ଼କୁ ଆସୁଛି, ସେତେବେଳେ ସେମାନେ ଅତି କୌଶଳତାର ସହ ବିମାନକୁ ଇଂରାଜି ଅକ୍ଷର 'ୟୁ' (U) ଭଳି ବୁଲେଇ ହଠାତ୍ ଦିଗ ପରିବର୍ତ୍ତନ କରନ୍ତି । ଏହା ଦ୍ୱାରା ଅତି ବେଗରେ ଆସୁଥିବା ମିଜାଇଲଟି ହଠାତ୍ ଦିଗ ପରିବର୍ତ୍ତନ କରିପାରି ନଥାଏ । ଇତି ମଧ୍ୟରେ ବିମାନଟି ଲକ୍ଷ୍ୟ ପଥରୁ ଖସି ପଳାଇଯାଏ ।

ଆକ୍ରମଣ ସମୟରେ ସୁରକ୍ଷା ବିମାନ ଶତ୍ରୁପକ୍ଷ ବିମାନର ପଶ୍ଚାତ୍‌ଭାଗକୁ ଆସିବାକୁ ଚେଷ୍ଟାକରେ । କିନ୍ତୁ ଆକ୍ରମିତ ବିମାନଟି ଉକ୍ତ ବିମାନଟିକୁ ପଛକୁ ଆସିବାକୁ ଦିଏନାହିଁ । ଏହା ଫଳରେ ସେମାନଙ୍କୁ ଆକାଶରେ କୁକୁର ଭଳି ଗୋଡାଗୋଡ଼ି ହେବାକୁ ପଡେ । ସୁରକ୍ଷା ବିମାନଟି ବାମ କିମ୍ବା ଡାହାଣ ପଟକୁ ଦିଗ ପରିବର୍ତ୍ତନ କଲେ ଆକ୍ରମିତ ବିମାନଟି ମଧ୍ୟ ଆତ୍ମରକ୍ଷା ପାଇଁ ସେହିଭଳି ଦିଗ ପରିବର୍ତ୍ତନ କରେ । ଏହାକୁ କୁକୁର ଯୁଦ୍ଧ (Dog fight) କୁହାଯାଏ । ଯୁଦ୍ଧ ବିମାନଟିରେ ଥିବା ବନ୍ଧୁକରୁ ଏକ ସଙ୍ଗରେ ୩୦ଟି ଗୁଳି ବାହାରିଥାଏ । ବୈମାନିକମାନେ ସାଧାରଣତଃ ଶତ୍ରୁପକ୍ଷ ବିମାନର ଡେଣା କିମ୍ବା ତେଲଟାଙ୍କିକୁ ଲକ୍ଷ୍ୟକରି ଗୁଳି ଚାଳନା କରିଥାନ୍ତି । ଗୁଳିବିଦ୍ଧ ହେବା ମାତ୍ରେ ବିମାନଟି ଅକ୍ଷମ ହୋଇ ତଳକୁ ଖସିପଡେ କିମ୍ବା ଆତ୍ମରକ୍ଷା ନିମନ୍ତେ ଖସି ପଳାଇଯିବାକୁ ଉଦ୍ୟମ କରେ ।

ଯୁଦ୍ଧ ସମୟରେ ଏହି ବିମାନଗୁଡ଼ିକ ଯେତେବେଳେ ଆକ୍ରମଣ କରିବାକୁ ଯାଆନ୍ତି, ସେତେବେଳେ ଦଳବଦ୍ଧ ଭାବରେ ଯାଇଥାନ୍ତି । ସାଧାରଣତଃ ବୋମାବର୍ଷୀ ବିମାନର ଦୁଇପଟର ସୁରକ୍ଷା ପାଇଁ ଦୁଇଟି ସୁରକ୍ଷା ବିମାନ ଯାଇଥାଏ । ଗୋଟିଏ ଦଳରେ ୪ଟି କରି ବିମାନ ଥାଏ । ଦଳପତି ସମ୍ମୁଖ ବା ପ୍ରଥମ ବିମାନଟି ଚଳାଇ ଥାଆନ୍ତି ଏବଂ ଦଳପତି ବିମାନର ଦୁଇକଡରେ ଦୁଇଟି ବିମାନ ଏବଂ ପଛରେ ଆଉ ଦୁଇଟି ବିମାନ ରହିଥାଏ ।

ଆମର ଯୁଦ୍ଧ ଜାହାଜ "ବିକ୍ରାନ୍ତ"ରୁ ଯୁଦ୍ଧ ବିମାନ ସାହାଯ୍ୟରେ ଶତ୍ରୁପକ୍ଷ ବିମାନ ଉପରେ ଯେଉଁଭଳି ଆକ୍ରମଣ ହୁଏ, ତାହା ଯେପରି ଆଶ୍ଚର୍ଯ୍ୟଜନକ, ସେହିଭଳି କୌତୁହଳପ୍ରଦ ମଧ୍ୟ । ଏଭଳି ଯୁଦ୍ଧ ବିମାନକୁ "ସି-ହକ୍" (Sea-hock) କୁହାଯାଏ । ଏଗୁଡ଼ିକ ଜାହାଜ ଉପରୁ ଆକାଶକୁ ଉଠିବାକୁ (Take off) ପଡ଼ିଥାଏ । ଛିଟିକିଣି (Catapult) ଦ୍ୱାରା ଯେପରି ଗୋଡ଼ି ନିକ୍ଷେପ କରାଯାଇଥାଏ, ଏହି ବିମାନଗୁଡ଼ିକୁ ଜାହାଜର ଡେକ୍ (De k) ଉପରୁ ଠିକ୍ ସେହି ପ୍ରଣାଳୀରେ ଆକାଶକୁ ପଠାଯାଏ । ଶତ୍ରୁ ପକ୍ଷର ଆକ୍ରମଣ ସମୟରେ ଏହି ବିମାନଗୁଡ଼ିକୁ ଜାହାଜର ତଳ ମହଲାରେ (Underground) ଲୁଚାଇ ରଖାଯାଏ । ଏଧରଣର ବିମାନର ବିଶେଷତ୍ୱ ହେଉଛି, ଏଗୁଡ଼ିକର ଦୁଇଡେଣା ଯୋଡ଼ିହୋଇ ରହିଯାଏ । ଏହା ଫଳରେ ବହୁସଂଖ୍ୟକ ଯୁଦ୍ଧବିମାନ ଜାହାଜ ଉପରେ ରହିପାରେ ।

ପ୍ରତ୍ୟେକ ସୁରକ୍ଷା ବିମାନକୁ ଜଣେ ମାତ୍ର ବୈମାନିକ ଚଳେଇଥାଏ । କିନ୍ତୁ ବୋମାବର୍ଷୀ ବିମାନ ନିମନ୍ତେ ଦୁଇଜଣ ବୈମାନିକ ଆବଶ୍ୟକ ହୋଇଥାନ୍ତି । ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ପ୍ରକୃତ ବୈମାନିକ ଯେ କି ବିମାନ ପରିଚାଳନା କରନ୍ତି ଏବଂ ଅନ୍ୟ ଜଣକ ହେଉଛନ୍ତି, ନ୍ୟାଭିଗେଟର (Naviga or) । ଏହି ନାଭିଗେଟର ଜଣକ ବୈମାନିକଙ୍କୁ ନିରାପଦରେ ଠିକ୍ ଲକ୍ଷ୍ୟ ସ୍ଥାନକୁ ବିମାନ ନେବା ଦିଗରେ ସାହାଯ୍ୟ କରୁଥାନ୍ତି । ନାଭିଗେଟରଙ୍କ ନିର୍ଦ୍ଦେଶ ଅନୁସାରେ ବୈମାନିକ ବୋମା ନିକ୍ଷେପ କରିବା ପାଇଁ ସୁଇଚ୍ (Switch) ଟିପନ୍ତି । ଯୁଦ୍ଧ ସମୟ ବ୍ୟତୀତ ଅନ୍ୟାନ୍ୟ ସମୟରେ ଏହି ନାଭିଗେଟରମାନେ ଅତି ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟିଗୁଡ଼ିକରେ ଫଟୋ ଉଠାଇ ଆଣିବାରେ ସାହାଯ୍ୟ କରିଥାନ୍ତି । ବୋମା ପକେଇବା ସମୟରେ ବୋମାବର୍ଷୀ ବିମାନଗୁଡ଼ିକ ଶତ୍ରୁ ପକ୍ଷ ସ୍ଥାନମାନଙ୍କ ଉପରେ ଖୁବ୍ କମ୍ ଉଚ୍ଚରେ ଉଡ଼ିଥାନ୍ତି, କିନ୍ତୁ ବୋମା ପକେଇ ସାରିବା ପରେ ପରେ ଅତି ଦ୍ରୁତ ବେଗରେ ଉଚ୍ଚକୁ ଉଠି ନିଜ ପକ୍ଷର ସୀମା ଭିତରକୁ ପଶି ଆସିଥାନ୍ତି । ଯଦି ଶତ୍ରୁ ପକ୍ଷ ସୈନ୍ୟମାନଙ୍କ କମାଣ ଦ୍ୱାରା ଗୁଳିବିଦ୍ଧ ହୁଅନ୍ତି, ତେବେ ସୁଦ୍ଧା ନିଜ ପକ୍ଷ ସୀମା ଭିତରକୁ ଆସିବାକୁ ପ୍ରାଣପଣେ ଉଦ୍ୟମ କରନ୍ତି, କାରଣ ଶତ୍ରୁ ପକ୍ଷ ସୀମା ଭିତରେ ଭୂ-ପତିତ ହେଲେ ସେମାନଙ୍କୁ ଶତ୍ରୁ ହାତରେ ବନ୍ଦୀ ହେବାକୁ ପଡେ ।

ବୋମାବର୍ଷୀ ବିମାନଗୁଡ଼ିକ ଅତ୍ୟଧିକ ଓଜନର ବୋମା ନେଉଥିବାରୁ ବେଶୀ ପରିମାଣର ତେଲ ନେଇପାରନ୍ତି ନାହିଁ। ବହୁ ଦୂରକୁ ଯାଇ ବୋମା ପକେଇବା ପାଇଁ ଅଧିକ ପରିମାଣର ତେଲ ଦରକାର ପଡୁଥିବାରୁ ଏହି ବିମାନ ଅଧିକ ଦୂରକୁ ଯାଇପାରେ ନାହିଁ। ତେଲ ଅଭାବରୁ ବେଳେବେଳେ ବୈମାନିକମାନଙ୍କୁ ବିମାନକୁ ପରିତ୍ୟାଗ କରି ଆକାଶଛତାରେ ଓହ୍ଲାଇବାକୁ ପଡ଼ିଥାଏ । ଆମେରିକାର ବି-୫୨ (B-52) ବୋମାବର୍ଷୀ ବିମାନଗୁଡ଼ିକ ଭିଏତ୍‌ନାମର ଲାଓସ୍ ଏବଂ କାମ୍ବୋଡ଼ିଆରେ ବୋମା ବର୍ଷଣ କରିବାପାଇଁ ସେମାନଙ୍କୁ ବହୁତ ଦୂର ଯିବାକୁ ପଡ଼ିଥାଏ, କିନ୍ତୁ ବିମାନରେ ତେଲ ଏତେ ପରିମାଣର ନଥାଏ। ତେଣୁ କେତେକ ତେଲ ବହନକାରୀ ବିମାନ ଆକାଶ ଉପରେ ଉଡ଼ି ବୁଲୁଥାନ୍ତି। କୌଣସି ବିମାନର ତେଲ ଦରକାର ହେଲେ, ସେମାନେ ତତ୍‌କ୍ଷଣାତ୍ ତା ପାଖକୁ ଯାଇ ଆକାଶ ମାର୍ଗରେ ତେଲ ଯୋଗାଇ ଦିଅନ୍ତି।

ସାଧାରଣତଃ ଯୁଦ୍ଧ ସମୟରେ ସୈନ୍ୟ ବାହିନୀ ଓ ବିମାନ ବାହିନୀ ମଧ୍ୟରେ ଘନିଷ୍ଠ ଯୋଗସୂତ୍ର ରକ୍ଷି ଯୁଦ୍ଧ କରିବାକୁ ପଡ଼ିଥାଏ। ଏଥିପାଇଁ ସୈନ୍ୟ ବାହିନୀ ପକ୍ଷରୁ ଗ୍ରାଉଣ୍ଡ ଲିଆସନ ଅଫିସର (Ground Liaison Officer) ଓ ବିମାନ ବାହିନୀ ପକ୍ଷରୁ ଫରଓ୍ୱାର୍ଡ ଏୟାର କଣ୍ଟ୍ରୋଲର (Forward Air Controller) ରହିଥାନ୍ତି । ଫରଓ୍ୱାର୍ଡ ଏୟାର କଣ୍ଟ୍ରୋଲର ସୀମାନ୍ତରେ ସୈନ୍ୟ ବାହିନୀଙ୍କ ସଙ୍ଗେ ରହି ଯୁଦ୍ଧ ବିମାନଗୁଡ଼ିକୁ ନିର୍ଦ୍ଦେଶ ଦିଅନ୍ତି । ସେହିପରି ଗ୍ରାଉଣ୍ଡ ଲିଆସନ ଅଫିସର ବିମାନ ବାହିନୀମାନଙ୍କ ସହ ରହି ସୈନ୍ୟମାନଙ୍କର ଅବସ୍ଥାନ ଏବଂ ଅନ୍ୟାନ୍ୟ ତଥ୍ୟ ଯୋଗାଇ ଦେଇଥାନ୍ତି । ବୈମାନିକମାନେ କୌଣସି ସ୍ଥାନରେ ବୋମାବର୍ଷଣ କରିବାର ନିର୍ଦ୍ଦେଶ ହଠାତ୍ ପାଆନ୍ତି ଏବଂ ଲକ୍ଷ୍ୟ ସ୍ଥଳର ସ୍ଥିତି ଓ ସେଠାକାର ପାଗ ତଥା ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ବ୍ରିଫିଙ୍ଗ୍ ରୁମ୍ (Bricfing room)ରେ ସେମାନଙ୍କୁ କୁହାଯାଇଥାଏ । ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ବୋମାବର୍ଷଣ ପାଇଁ ଗଲାବେଳେ ଶତ୍ରୁ ପକ୍ଷର ସୈନ୍ୟ ନ ଜାଣିବାପାଇଁ ଆକାଶ ଉପରେ ପାଇଲଟ୍‌ମାନଙ୍କୁ ଜଣାଇ ଦିଆଯାଇଥାଏ । ଲକ୍ଷ୍ୟ ସ୍ଥାନରେ ବୋମାବର୍ଷଣ କରିସାରିବା ପରେ ପ୍ରତ୍ୟେକ ପାଇଲଟ୍‌କୁ ସିଧା ରିପୋଟିଙ୍ଗ୍ ରୁମ (Reporting room)ରେ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିବାକୁ ପଡେ ।

ଯୁଦ୍ଧ ବିମାନରେ ପାଇଲଟ୍‌ମାନଙ୍କର ସୁରକ୍ଷା ପାଇଁ ସମସ୍ତ ପ୍ରକାର ପ୍ରୟୋଜନୀୟ ସାମଗ୍ରୀ ରହିଥାଏ । କାରଣ ଜଣେ ପାଇଲଟ୍ ଏକ ଯୁଦ୍ଧ ବିମାନଠାରୁ ଶତ ଗୁଣରେ ମୂଲ୍ୟବାନ। ଯୁଦ୍ଧ ବିମାନର ପାଇଲଟ୍ ବସୁଥିବା ସ୍ଥାନକୁ ଅଗ୍ନି ଓ ବିଦ୍ୟୁତ୍‌ଠାରୁ ଏବଂ ଅମ୍ଳଜାନବିହୀନ ବାୟୁଠାରୁ ପୃଥକ ରଖାଯାଇଥାଏ । ଆକାଶରେ ଉଡୁଥିଲାବେଳେ କୌଣସି ବିପଦକୁ ପାଇଲଟ୍ ଯଦି ବହୁ ଚେଷ୍ଟା ସତ୍ତ୍ୱେ ବି ଏଡାଇ ପାରେନି, ସେତେବେଳେ ସେ ତା'ର ସିଟ୍ ପଛରେ ଥିବା ଦୁଇଟି ଶିକୁଳିକୁ ନିଜ ହାତରେ ଟାଣିଦିଏ । ଏହା ଫଳରେ ପାଞ୍ଚ ସେକେଣ୍ଡ ଭିତରେ ବିମାନର ଢାଙ୍କୁଣୀ ଛାଏଁ ଖୋଲିଯିବା ସଙ୍ଗେ ସଙ୍ଗେ ଗୁଳି ଫୁଟିବାର ଶବ୍ଦହୁଏ । ଏହାପରେ ପାଇଲଟ୍ ତା ସିଟ୍ ସହିତ ଏକ ସେକେଣ୍ଡକୁ ୩୦ ଫୁଟ ହିସାବରେ ଉପରକୁ ଉଠିଯାଏ । ପାଇଲଟ୍‌ର ଅନାବଶ୍ୟକ ଜିନିଷ ତା ଦେହରୁ ତଳକୁ ଖସିଯାଏ ଓ ଆକାଶ ଛତା ଆପେ ଆପେ ଉପରକୁ ଉଠି ଖୋଲିଯିବା ସଙ୍ଗେ ସଙ୍ଗେ ଦରକାରୀ ଜିନିଷପତ୍ର ରହିଥିବା ଏକ ବ୍ୟାଗ୍ ପାଇଲଟ୍‌ର ଆଗକୁ ଝୁଲିପଡେ। ସେହି ବ୍ୟାଗ୍‌ରେ ଛଅ ସାତ ଦିନପାଇଁ ଖାଦ୍ୟ, ଗୋଟିଏ ଛୋଟ ଷ୍ଟୋଭ୍, ମାଛ ମାରିବା ପାଇଁ ବନ୍ଶୀ କଣ୍ଟା, କେତେକ ଦରକାରୀ ଔଷଧପତ୍ର, ଶିଅର ବାକ୍ସ ଇତ୍ୟାଦି ରହିଥାଏ। ତେଣୁ ପାଇଲଟ୍ ଭୂପୃଷ୍ଠରେ ଆକାଶ ଛତା ସାହାଯ୍ୟରେ ଓହ୍ଲାଇବା ପରେ କୌଣସି ଅସୁବିଧା ହୋଇନଥାଏ।

ଜଣେ ସାଧାରଣ ଲୋକକୁ ଏକ ସୁଦକ୍ଷ ପାଇଲଟ୍ ରୂପେ ଗଢ଼ିବାକୁ ହେଲେ ବହୁ ଅର୍ଥ ଓ ବହୁ ସମୟ ଆବଶ୍ୟକ ହୁଏ। ତେଣୁ ଯେ କୌଣସି ବିପଦ ଆପଦରୁ ପାଇଲଟ୍‌କୁ ରକ୍ଷା କରିବା ପାଇଁ ବିମାନରେ ସବୁ ପ୍ରକାରର ବ୍ୟବସ୍ଥା ରହିଛି। ତାଲିମ କାଳରେ ବିଭିନ୍ନ ପ୍ରକାର ବିପଦକୁ ଏଡ଼ାଇବା ପାଇଁ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା କରିବାକୁ ପଡ଼ିଥାଏ।

ସାଧାରଣତଃ ଶିକ୍ଷାର୍ଥୀମାନଙ୍କୁ ପ୍ରାରମ୍ଭରେ ଏଚ୍. ଟି.-୨ (H. T.-2) ଓ ହାରଭାର୍ଡ (Harvard) ବିମାନରେ ଏବଂ ପରେ ଭାମ୍ପାୟାର (Vampaire) ଜେଟ୍ ବିମାନରେ ତାଲିମ ଦିଆଯାଇଥାଏ।

ଭାରତରେ ଯୋଧପୁର, ହାଇଦ୍ରାବାଦ, ନାସିକ ଓ ବାଙ୍ଗାଲୋରଠାରେ ଏହି ତାଲିମ ଦିଆଯାଉଛି। ଏହା ଛଡ଼ା ଦେଶର ଅଗଣିତ ସ୍କୁଲ, କଲେଜମାନଙ୍କରେ ଏନ୍. ସି. ସି.-ଆକାଶ ବାହିନୀ ଶାଖା ଖୋଲାଯାଇ ଛାତ୍ରମାନଙ୍କୁ ତାଲିମ ଦିଆଯାଉଛି। ଏହା ଫଳରେ ଆଗ୍ରହୀ ଛାତ୍ରମାନେ ପରେ ବିମାନ ବାହିନୀରେ ଅକ୍ଲେଶରେ ଯୋଗଦେଇ ପାରୁଛନ୍ତି। ଇତି ମଧ୍ୟରେ ଆମ ଦେଶ ଯୁଦ୍ଧ ବିମାନ ଓ ସାମରିକ ସରଞ୍ଜାମ ଉତ୍ପାଦନ କ୍ଷେତ୍ରରେ ବି ଆତ୍ମନିର୍ଭରଶୀଳ ହେଲାଣି। ବିଗତ ଭାରତ ପାକିସ୍ତାନ ଯୁଦ୍ଧରେ ଆମ ଦେଶରେ ନିର୍ମିତ ନାଟ୍ ବିମାନର ଭୂମିକା ସମଗ୍ର ବିଶ୍ୱକୁ ଚମତ୍କୃତ କରିପାରିଥିଲା।

---

## ଅଭିନବ ଉଦ୍ୟମ

ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଗିରି, ଘର ବାଲେଶ୍ୱର ସହରରେ। ବୟସ ତାଙ୍କର ଅଠଷଠି ହେଲେ କ'ଣ ହେବ, ମନର ବଳକୁ ଭାଙ୍ଗି ପାରିନି। ସେଦିନ ଦିଲ୍ଲୀଯିବା ବାଟରେ ଦେଖି ଆସିଥିଲେ, ବିହାର ଆଉ ଉତ୍ତର ପ୍ରଦେଶର କୃଷୀମାନେ କିପରି ପଡ଼ିଆ ଭୂଇଁରେ ସବୁଜ ଫସଲର ଲହରୀ ଖେଳେଇ ପାରିଛନ୍ତି। ହଠାତ୍ ଗିରିଙ୍କର ମନେ ପଡ଼ିଲା ନିଜ ସହର କଥା। ନିଜ ସହର ଚାରିପାଖେ ଆଖ ପାଖ ଗାଁ ଗଣ୍ଡାରେ ବହୁ ପଡ଼ିଆ ଜମି ଖାଲି ପଡ଼ି ରହିଛି। ସାମାନ୍ୟ ପରିଶ୍ରମ କଲେ ସେହିସବୁ ଜମିରେ ସୁନା ଫଳନ୍ତା। କାହାରି ଖାଇବା ପିଇବାର ଅଭାବ ରହନ୍ତା ନାହିଁ।

ଦିଲ୍ଲୀରୁ ଫେରିବା ପରେ ଗିରିଙ୍କ ନଜର ପଡ଼ିଲା ନିଜ ଘର ପଛପଟ ଜମି ଉପରେ। ବର୍ଷବର୍ଷ ଧରି ଜମିଟି ପଡ଼ିଆ ପଡ଼ିଛି। ଗିରି ନୂତନ ଉତ୍ସାହ ସହକାରେ ଜମିଟିକୁ ସଜାଡ଼ି ଆଇ. ଆର.-୮ ଧାନ ଚାଷ ଆରମ୍ଭ କରିଦେଲେ। ପାର୍ଶ୍ୱବର୍ତ୍ତୀ ନଳାରେ ବନ୍ଧ ପକାଇ ନଳା ପାଣିକୁ ଜମିରେ ମଡ଼ାଇଲେ। ସେବର୍ଷ ଫସଲ ବି ଖୁବ୍ ଭଲ ହେଲା। ଧାନ ଅମଳ ପରେ ସେ ଦ୍ୱିଗୁଣିତ ଉତ୍ସାହରେ ପନିପରିବା ଚାଷ ଆରମ୍ଭ କରି ଦେଲେ।

ଗିରିଙ୍କ ସଫଳତା ଦେଖି ସାହି ପଡ଼ିଶା ଲୋକଙ୍କର ଆଖି ଖୋଲିଗଲା। ତାଙ୍କର ଏହି ଅଭିନବ ଉଦ୍ୟମରେ ଅନୁପ୍ରାଣିତ ହୋଇ ସେମାନେ ମଧ୍ୟ ନିଜ ନିଜର ପଡ଼ିଆ ଜମିର ସଦୁପଯୋଗ ପାଇଁ ଆଗେଇ ଆସିଲେ।

## ନୂଆ-ଫସ୍‌ଫୋମିନ ନିର୍ମାତାଙ୍କର ଆଉ ଏକ ଉତ୍ପାଦନ

# ଫସ୍‌ଫୋମିନ ଆୟରନ

## ...କାରଣ ମହିଳାମାନଙ୍କର ଅଧିକ ଆୟରନ ଦରକାର

ମହିଳାମାନଙ୍କର ଆୟରନ ଅଧିକ ଆବଶ୍ୟକ ହୋଇଥାଏ କାରଣ ସେମାନଙ୍କ ଶରୀରରୁ ପ୍ରତିମାସରେ ଆୟରନ୍ କ୍ଷୟ ହୁଏ—ଆୟରନ ଶରୀର ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ ତେଣୁ ଏହାର ପୁନଃପୂରଣ କରିବା ଦରକାର ।
ଗର୍ଭାବସ୍ଥା ଓ ସ୍ତନ୍ୟପାନ ସମୟରେ ମହିଳାମାନଙ୍କର ଅଧିକ ଆୟରନ ଦରକାର କାରଣ ଶିଶୁର ଶରୀରରେ ଯଥେଷ୍ଟ ଆୟରନ ଯୋଗାଇବା ଅତି ଆବଶ୍ୟକ ।
ଆୟରନର ସେହି କ୍ଷତିକୁ ପୂରଣ କରିବା ପାଇଁ ଓ ଶରୀରରେ ଆୟରନର ଉପଯୁକ୍ତ ମାତ୍ରା ବଜାୟ ରଖିବା ପାଇଁ ଆପଣ ଫସଫୋମିନ ଆୟରନ ଖାଆନ୍ତୁ—ପ୍ରତ୍ୟେକ ମହିଳାଙ୍କ ପାଇଁ ଏହା ଏକ ଜରୁରୀ ଔଷଧ ।
ଫସଫୋମିନ ଆୟରନ ଶରୀରରେ ନୂଆ ରକ୍ତ ରକ୍ତକୋଷ ଗଢ଼ିବାରେ ସାହାଯ୍ୟ କରିଥାଏ— ଆପଣ ସ୍ୱାସ୍ଥ୍ୟବାନ ଓ ସୁନ୍ଦର ଲାଗିବେ ।
ଫସଫୋମିନ ଆୟରନରେ ଭିଟାମିନ ଓ ଖଣିଜପଦାର୍ଥ ମଧ୍ୟ ରହିଛି—ଏହା ଆପଣଙ୍କୁ ଶକ୍ତି ଯୋଗାଏ ଓ ସ୍ୱାସ୍ଥ୍ୟପୂର୍ଣ୍ଣ କରିଥାଏ ।
ଆଜିଠାରୁ ଫସଫୋମିନ ଆୟରନ ଖାଇବା ଆରମ୍ଭ କରନ୍ତୁ । ପ୍ରତିଦିନ ଫସଫୋମିନ ଆୟରନ ଖାଆନ୍ତୁ ।

ସବୁ କେମିଷ୍ଟଙ୍କ ପାଖରେ ୨ ସାଇଜରେ ପାଇବେ :
୨୦୦ ମି.ଲି. ଓ ୫୦ ମି.ଲି.






## ନୂଆ!
## ଫସଫୋମିନ ଆୟରନ-
## ମହିଳାମାନଙ୍କ ପାଇଁ
## ବିଶେଷ ଫର୍ମୁଲାରେ
## ତିଆରି ପ୍ରଥମ ଟନିକ୍

SQUIBB SARABHAI CHEMICALS

ଫସଫୋମିନ—ଇଣ୍ଡିଆର
ସାରାଭାଇ କେମିକାଲସର
ଏକ ରେଜିଷ୍ଟର୍ଡ ଟ୍ରେଡମାର୍କ
® ଇ.ଆର. ସ୍କୁଇବ ଆଣ୍ଡ ସନ୍ସ
ଇନ୍‌କର ରେଜିଷ୍ଟର୍ଡ ଟ୍ରେଡମାର୍କ
ସାରାଭାଇ କେମିକାଲସ
ବ୍ୟବହାରକାରୀ ରେଜିଷ୍ଟ୍ରଡ
ଇ. ଟି. ଟି. ଏ ।

SHILPI-HPM-A-7A/11 Ori

# ସବୁଜ ବିପ୍ଳବ ପଥେ
# ବାଣପୁର ଓ ସୁମଣ୍ଡଳ

**ଶ୍ରୀ ଦାମୋଦର ମହାପାତ୍ର**
ସହକାରୀ ଯନ୍ତ୍ରୀ
ଜଳସେଚନ ଉପଖଣ୍ଡ
ଖୋର୍ଦ୍ଧା

ଖୋର୍ଦ୍ଧା ସବ୍‌ଡିଭିଜନ ଅନ୍ତର୍ଗତ ବାଣପୁର ତହସିଲରେ ଐତିହାସିକ ସାଳିଆ ନଦୀ ପ୍ରବାହିତ । ରଣପୁର ମାଳ ପର୍ବତରୁ ବାହାରି ଘନ ଜଙ୍ଗଲ ଭିତରେ ପ୍ରବାହିତ ହେଲାପରେ ସାଳିଆ ବାଣପୁର ସହର ପରିବେଷ୍ଟନ କରି ପରିଶେଷରେ ବାଲୁଗାଁ ନିକଟରେ ଚିଲିକାରେ ମିଶିଛି । ବାଣପୁରଠାରେ ଏହା ବହୁ ଶାଖାରେ ବିଭକ୍ତ ।

ଇତିପୂର୍ବରୁ ବାଲୁଗାଁ ଓ ବାଣପୁର ଅଞ୍ଚଳର ଚାଷୀମାନେ ସାଳିଆ ଓ ତାର ଶାଖା ନଦୀରେ ଛୋଟ ଛୋଟ ଦାଣ୍ଡି ବନ୍ଧ ତିଆରିକରି ବହୁ ଜମିରେ ଜଳସେଚନର ସୁବିଧା କରିପାରି ଥିଲେ । କିନ୍ତୁ ଏହାଦ୍ୱାରା ପ୍ରତିବର୍ଷ ନଦୀ ଧାରରୁ ବିଭିନ୍ନ ସ୍ଥାନରେ ବାଲିବନ୍ଧ ଦ୍ୱାରା ଅଟକାଇବାକୁ ଯାଇ ଚାଷୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ଅସୁବିଧାକୁ ସବୁଦିନ ପାଇଁ ଦୂର କରିବା ସକାଶେ ସାଳିଆର କୌଣସି ଅଂଶରେ ସ୍ଥାୟୀ ବନ୍ଧ ନିର୍ମାଣ କରିବା ପରିକଳ୍ପନା ପୂର୍ବରୁ କରାଯାଇ ନଥିଲା ।

## ସ୍ୱାଧୀନତା ପରେ

ସ୍ୱାଧୀନତାପରେ ଦେଶକୁ ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ କରିବାପାଇଁ ଯେତେବେଳେ ଯୋଜନାବଦ୍ଧ ଉଦ୍ୟମ ଆରମ୍ଭହେଲା, ସେତେବେଳେ ସ୍ଥାୟୀ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ଚିନ୍ତା କରାଗଲା । ଫଳରେ ଆମର ଦୃଷ୍ଟି ପଡ଼ିଲା ଏହି ଅଗଣିତ ନଦୀ ନାଳ ଓ ସେ ସବୁର ଜଳସମ୍ପଦ ଉପରେ । ସାଳିଆ ନଦୀ ମଧ୍ୟ ଏଥିରୁ ବାଦ ପଡ଼ିଲା ନାହିଁ । ୧୯୫୦ ମସିହାରେ ସାଳିଆ ନଦୀ ବନ୍ଧ ଯୋଜନାର ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ ହେଲା । ୧୯୫୫ ମସିହା ସୁଦ୍ଧା ମୁଖ୍ୟବନ୍ଧ, ଉଦ୍‌ବୃତ୍ତ ଜଳ ନିଷ୍କାସନ ପଥ ଓ କେନାଲ ପ୍ରଭୃତିର ସର୍ଭେ ଓ ଅନୁସନ୍ଧାନ କାର୍ଯ୍ୟ ଶେଷହୋଇ ୧୯୫୮ ମସିହା ସୁଦ୍ଧା ରିପୋର୍ଟ ପ୍ରସ୍ତୁତ ହୋଇଗଲା । ଯୋଜନାର ବ୍ୟୟ ଅଟକଳ, ଏଥିପାଇଁ ଜମି ଦଖଲ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ୧୯୬୦ ରେ ରାଜ୍ୟ ସରକାର ଯୋଜନାର କାର୍ଯ୍ୟ ହାତକୁ ନେଲେ ।

୧୯୭୦ ମସିହା ସୁଦ୍ଧା ମାଟିବନ୍ଧର ନିର୍ମାଣ, ଉଦ୍‌ବୃତ୍ତ ଜଳ ନିଷ୍କାସନ ପଥ, କେନାଲକୁ ଜଳ ଯୋଗାଣ ନିମନ୍ତେ ସେତୁ ଆଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା । ଏହା ଫଳରେ ବାଣପୁର ଅଞ୍ଚଳର ୧୫ ହଜାର ଏକର ଆୟତନ ବିଶିଷ୍ଟ ଅଧିକାଂଶ ଅଳ୍ପ ଜମିକୁ ଜଳ ଯୋଗାଇ ଦିଆଯାଇ ପାରିଲା ।

## ଜଳଭଣ୍ଡାର

ସାଳିଆ ଜଳସେଚନ ଯୋଜନାର ମୁଖ୍ୟ ମାଟିବନ୍ଧର ଦୈର୍ଘ୍ୟ ୧୪୦୦ ଫୁଟ ଓ ଉଚ୍ଚତା ୧୦୪ ଫୁଟ । ମୁଖ୍ୟ ପରିବନ୍ଧଟିର ଦୈର୍ଘ୍ୟ ୭୫୦୦ ଫୁଟ । ମାଟିବନ୍ଧରେ ୧ କୋଟି ୩୫ ଲକ୍ଷ ଘନଫୁଟ ଓ ପରିବନ୍ଧଟିରେ ୧ କୋଟି ୯୫ ଲକ୍ଷ ଘନଫୁଟ ମାଟି ବ୍ୟବହୃତ ହୋଇଛି । ଏହି ଜଳ ଭଣ୍ଡାରର ଆୟତନ ୨ ହଜାର ୮ ଶହ ଏକର ଏବଂ ପ୍ରାୟ ୧୬ ବର୍ଗମାଇଲ ଅଞ୍ଚଳର ବର୍ଷାଜଳ ଏହି ଜଳ ଭଣ୍ଡାରରେ ପ୍ରବେଶ କରୁଛି । ଏହି ଜଳ ଭଣ୍ଡାରରେ ସର୍ବାଧିକ ୨୧୦୦ ନିୟୁତ ଘନଫୁଟ ଜଳ ରହିପାରିବ ଓ ବର୍ଷ ମଧ୍ୟରେ ହାରାହାରି ୪୦୮୪ ନିୟୁତ ଘନଫୁଟ ଜଳ ନିଷ୍କାସନ ହେବ । ଉଦ୍‌ବୃତ୍ତ ଜଳ ନିଷ୍କାସନ ନିମନ୍ତେ ୩୨୫ ଫୁଟ ଦୈର୍ଘ୍ୟ ବିଶିଷ୍ଟ ନିଷ୍କାସନ ପଥ ରହିଛି । ବନ୍ୟା ସମୟରେ ପ୍ରତି ସେକେଣ୍ଡରେ ସର୍ବାଧିକ ୬୦ ହଜାର ଘନଫୁଟ ଜଳ ଜଳଭଣ୍ଡାରରେ ପ୍ରବେଶ କରିଥାଏ ଏବଂ ୩୬ ହଜାର ଘନଫୁଟ ଜଳ ନିଷ୍କାସିତ ହୋଇଥାଏ । ଏହି ଯୋଜନାର ବିଭିନ୍ନ କେନାଲଗୁଡ଼ିକର ମୋଟ ଦୈର୍ଘ୍ୟ ହେଉଛି ୫୬ ମାଇଲ ।

ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ସର୍ବମୋଟ ୪ କୋଟି ଟଙ୍କା ବ୍ୟୟ ହେବ ଏବଂ ଏହା ସମ୍ପୂର୍ଣ୍ଣ ହେଲେ ବାଣପୁର ଅଞ୍ଚଳର ୧୫ ହଜାର ଏକର ଓ ଗଞ୍ଜାମ ଜିଲ୍ଲା ସୁମଣ୍ଡଳ ଅଞ୍ଚଳର ୫ ହଜାର ଏକର ଶୁଷ୍କ ଜମିରେ ସ୍ଥାୟୀ ଜଳସେଚନର ସୁବିଧା କରାଯାଇ ପାରିବ । ଏହା ଫଳରେ ପୁରୀ ଜିଲ୍ଲାର ୧୦୭ ଟି ଓ ଗଞ୍ଜାମ ଜିଲ୍ଲାର ୨୩ ଟି ଗ୍ରାମର କୃଷୀମାନେ ଉପକୃତ ହୋଇପାରିବେ ।

ଅତ୍ୟନ୍ତ ଗୌରବର କଥା ଯେ, ଏହି ଯୋଜନାଟି ସମ୍ପୂର୍ଣ୍ଣରୂପେ ଆମ ରାଜ୍ୟର ଇଂଜିନିୟରମାନଙ୍କ ଦ୍ୱାରା ନିର୍ମିତ ହୋଇଛି । ଯୋଜନାଟିର ପ୍ରାରମ୍ଭିକ ଅନୁସନ୍ଧାନଠାରୁ ଆରମ୍ଭ କରି ନକ୍‌ସା ତିଆରି, ବ୍ୟୟ ଅଟକଳ ଓ ନିର୍ମାଣ ଇତ୍ୟାଦି କାର୍ଯ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିନାହିଁ

## ଜଳସେଚନ

୧୯୭୧ ଖରିଫ ଋତୁଠାରୁ ଅଦ୍ୟାବଧି ଜଳ ଯୋଗାଣ ଅବ୍ୟାହତ ରହିଛି ଓ କେନାଲଗୁଡ଼ିକର ଖନନ ଦ୍ରୁତ ଗତିରେ ଆଗେଇ ଚାଲିଛି । ଆଶା କରାଯାଉଛି, ଆସନ୍ତା ମାର୍ଚ୍ଚମାସ ସୁଦ୍ଧା ସମୁଦାୟ ଜମିକୁ ଜଳ ଯୋଗାଇ ଦିଆଯାଇ ପାରିବ । ୧୯୭୧ ଖରିଫ ଋତୁରେ ୮ ହଜାର ଏକର, ରବି ଋତୁରେ ୩ ହଜାର ଏକର ଏବଂ ୧୯୭୨ ଖରିଫ ଋତୁରେ ୮ ହଜାର ଏକର ଓ ରବି ଋତୁରେ ୫ ହଜାର ଏକର ଜମିକୁ ଜଳ ଯୋଗାଇ ଦିଆଯାଉଛି । ଏହାଛଡ଼ା ଚଳିତ ୧୯୭୩ ଖରିଫ ଋତୁରେ ୧୦ ହଜାର ଏକର ଜମିକୁ ଜଳସେଚନର ସୁବିଧା କରାଯାଇପାରିଛି ।

ଆଗାମୀ ବର୍ଷ ବାଣପୁର ଅଞ୍ଚଳରେ ଖରିଫ ଋତୁରେ ୧୫ ହଜାର ଏକର ଜମିକୁ ଓ ରବି ଋତୁରେ ୭ ହଜାର ଏକର ରବି ଫସଲ ପାଇଁ ଜଳ ଯୋଗାଇ ଦିଆଯାଇପାରିବ । ଗଞ୍ଜାମ ଜିଲ୍ଲାର କୋଦଳା ତହସିଲ ଅନ୍ତର୍ଗତ ସମସ୍ତ ଅଞ୍ଚଳର ୫ ହଜାର ଏକର ଜମି ମଧ୍ୟରୁ ପ୍ରାୟ ୪ ହଜାର ଏକର ଜମିକୁ ଆସନ୍ତା ଖରିଫ ଋତୁରେ ନିଶ୍ଚିତରୂପେ ଜଳ ଯୋଗାଇ ଦିଆଯିବ ।

ଆମ ରାଜ୍ୟର ସବୁଜ ବିପ୍ଳବର ସଫଳତା ଦିଗରେ ସାଲିଆ ଯୋଜନାର ଏ ଅବଦାନ ବିଶେଷ ଉଲ୍ଲେଖଯୋଗ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଯୋଜନାର ଉପକାରିତା ଚାଷୀମାନେ ପୂର୍ଣ୍ଣମାତ୍ରାରେ ଉପଲବ୍ଧି କଲେଣି ।

---

## ସ୍ୱଳ୍ପ ସଞ୍ଚୟ

୧୯୭୨-୭୩ ମସିହାରେ ସମଗ୍ର ଦେଶରେ ଜାତୀୟ ସ୍ୱଳ୍ପ ସଂଚୟରୁ ସର୍ବାଧିକ ୩୫୪ କୋଟି ଟଙ୍କା ସଂଗ୍ରହ କରାଯାଇ ଏ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇ ପାରିଛି । ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳରେ ସଂଶୋଧିତ ଅଟକଳ ଅନୁଯାୟୀ ସ୍ୱଳ୍ପ ସଂଚୟରୁ ୧,୦୦୦ କୋଟି ଟଙ୍କା ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଅଧିକା ୨୦୦ କୋଟି ଟଙ୍କା ସଂଗୃହୀତ ହୋଇ ପାରିବ ବୋଲି ଆଶା କରାଯାଉଛି ।

# ଆମ ରପ୍ତାନୀ ବାଣିଜ୍ୟ :

## ✲ସାଇକଲ

୧୯୭୨-୭୩ ମସିହାରେ ଆମ ଦେଶରେ ତିଆରି ସାଇକଲ ଏବଂ ସାଇକଲର ବିଭିନ୍ନ ଅଂଶ ଇରାନ୍, ଇଣ୍ଡୋନେସିଆ, ମାଲୟସିଆ, ଥାଇଲଣ୍ଡ, ସିଙ୍ଗାପୁର, ନାଇଜେରିଆ, ଟାଞ୍ଜାନିଆ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଆଦି ବିଭିନ୍ନ ଦେଶକୁ ରପ୍ତାନୀ କରାଯାଇ ୧୦.୩ କୋଟି ଟଙ୍କା ଉପାର୍ଜନ କରାଯାଇଛି । ବିଗତ ବର୍ଷ ଏ ବାବଦରୁ ମାତ୍ର ୮.୦୫ କୋଟି ଟଙ୍କା ମିଳିଥିଲା ।

୧୯୭୨-୭୩ରେ ଇରାନ ୫୪.୫ ଲକ୍ଷ ଟଙ୍କା ମୂଲ୍ୟର , ଇଣ୍ଡୋନେସିଆ ୫୪.୩ ଲକ୍ଷ ଟଙ୍କା, ନାଇଜେରିଆ ୩୩.୨ ଲକ୍ଷ ଟଙ୍କା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ୧୬.୫ ଲକ୍ଷ ଟଙ୍କା ମୂଲ୍ୟର ସାଇକେଲ ଆମ ଦେଶରୁ ଆମଦାନୀ କରିଥିଲେ ।

## ✲ଭାରତର ରପ୍ତାନୀ ପରିମାଣ

୧୯୭୨-୭୩ ମସିହାରେ ଆମର ରପ୍ତାନୀ ବାଣିଜ୍ୟର ମୋଟ ପରିମାଣ ଥିଲା ୧୯୬୨ କୋଟି ଟଙ୍କା, ଅର୍ଥାତ୍ ବିଗତ-ବର୍ଷ ତୁଳନାରେ ଏହା ଶତକଡ଼ା ୨୨ ଭାଗ ଅଧିକ । ବିଦେଶୀ ବଜାରରେ ଆମ ଦେଶର ଚମଡ଼ା ଓ ଚମଡ଼ା ତିଆରି ବିଭିନ୍ନ ସାମଗ୍ରୀ, କାର୍ପାସ ବସ୍ତ୍ର, ରେଡ଼ି-ମେଡ୍ ପୋଷାକ, ସମୁଦ୍ର-ଜାତ ଓ ଇଞ୍ଜିନିୟରିଂ ସାମଗ୍ରୀର ଚାହିଦା ବିଶେଷ ବୃଦ୍ଧି ପାଇଥିବାରୁ ରପ୍ତାନୀ ବାଣିଜ୍ୟରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି ।

## ✲ଭାରତୀୟ ହସ୍ତଶିଳ୍ପ ସାମଗ୍ରୀ

୧୯୭୧-୭୨ ରେ ୯୦.୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଇଥିବା ସ୍ଥଳେ ୧୯୭୨-୭୩ ରେ ୧୦୮ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ରପ୍ତାନୀ କରାଯାଇ ପାରିଛି । ୧୯୬୧-୬୨ ରେ ରପ୍ତାନୀର ପରିମାଣ ଥିଲା ମାତ୍ର ୧୯.୩୪ କୋଟି ଟଙ୍କା ।

୧୯୭୨-୭୩ ରେ ଆମ ଦେଶରେ ୪୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦିତ ହୋଇଥିଲା । ଦେଶର ବିଭିନ୍ନ ଅଞ୍ଚଳରେ ପ୍ରାୟ ୪ ଲକ୍ଷ ହସ୍ତଶିଳ୍ପ ସଂସ୍ଥାରେ ପ୍ରାୟ ୧୪ ଲକ୍ଷ କାରିଗର ନିଯୁକ୍ତ ହୋଇଛନ୍ତି ।

## ✲ଖେଳ ସାମଗ୍ରୀ

ଚଳିତ ବର୍ଷ ଭାରତ ୯ ଲକ୍ଷ ଟଙ୍କା ମୂଲ୍ୟର ଖେଳ ସାମଗ୍ରୀ କେବଳ ପୋଲଣ୍ଡକୁ ରପ୍ତାନୀ କରିଛି । ଗତବର୍ଷ ୩ କୋଟି ୬୦ ଲକ୍ଷ ଟଙ୍କା ମୂଲ୍ୟର ଆମ ଦେଶ ତିଆରି ବିଭିନ୍ନ ଖେଳ ସାମଗ୍ରୀ ବିଭିନ୍ନ ଦେଶକୁ ରପ୍ତାନୀ କରାଯାଇଥିଲା ।

ଏ ବର୍ଷ ପୋଲଣ୍ଡ ନୂଆକରି ଭାରତରୁ ଖେଳ ସାମଗ୍ରୀ ଆମଦାନୀ କରିଛି ।

# ଜାତୀୟ ସମସ୍ୟା : ବାସଗୃହ

**ଶ୍ରୀ ଓଁ ମେହ୍‌ତା**

ପୂର୍ତ୍ତ ଓ ଗୃହ ନିର୍ମାଣ ରାଷ୍ଟ୍ରମନ୍ତ୍ରୀ

ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରେ ବାସଗୃହ ନିର୍ମାଣ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ଦେଶ ସ୍ୱାଧୀନ ହେବା ପରେ ପାକିସ୍ତାନରୁ ଆସିଥିବା ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ଆଶ୍ରୟ ନିମନ୍ତେ ବାସଗୃହ ଯୋଗାଇ ଦେବା ସରକାରଙ୍କ ଆଗରେ ସବୁଠାରୁ ବଡ଼ି ଜରୁରୀ ସମସ୍ୟା ରୂପେ ଦେଖା ଦେଇଥିଲା । ଏହା ଛଡ଼ା ଗତ ଦୁଇ ଦଶନ୍ଧି ମଧ୍ୟରେ ସହରାଞ୍ଚଳରେ ଲୋକସଂଖ୍ୟା ବୃଦ୍ଧି ପାଇଛି । ସହରାଞ୍ଚଳ ଜନସଂଖ୍ୟା ୧୯୫୧ରୁ ୧୯୬୧ ମଧ୍ୟରେ ଶତକଡ଼ା ୨୬.୪୧ ଭାଗ ଓ ୧୯୬୧ ରୁ ୧୯୭୧ ମଧ୍ୟରେ ଶତକଡ଼ା ୩୭.୮ ଭାଗ ବଢ଼ିଛି । ସେହିପରି ଗ୍ରାମାଞ୍ଚଳରେ ମଧ୍ୟ ଜନ୍ମହାର ବୃଦ୍ଧି ପାଇଛି । ଏମାନଙ୍କ ବସବାସ ପାଇଁ ସହରାଞ୍ଚଳରେ ୫.୫ ନିୟୁତ ଓ ଗ୍ରାମାଞ୍ଚଳରେ ୧୮ ନିୟୁତ ବାସଗୃହ ଆବଶ୍ୟକ ବୋଲି ହିସାବ କରାଯାଇଛି ।

ଗତ ପଚିଶ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପକ୍ଷରୁ ବାସଗୃହ ତଥା ପାରିପାର୍ଶ୍ୱିକ ସମସ୍ୟା ସମାଧାନ ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଇଛି । ପ୍ରଥମ ଯୋଜନା କାଳରେ ଅନେକଗୁଡ଼ିଏ ଗୃହ ନିର୍ମାଣ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନା ଗୁଡ଼ିକ ମୁଖ୍ୟତଃ ସମାଜର ଦୁର୍ବଳ ଶ୍ରେଣୀଙ୍କ ପାଇଁ ଉଦ୍ଦିଷ୍ଟ । ଏହି ଯୋଜନାଗୁଡ଼ିକ ଯଥେଷ୍ଟ ପ୍ରଭାବ ପକାଇ ଥିଲେ ମଧ୍ୟ ସମସ୍ୟାର ଗୁରୁତ୍ୱ ଦୃଷ୍ଟିରୁ ଏ ଦିଗରେ ଅଦ୍ୟାପି ଅନେକ କିଛି କରିବାକୁ ହେବ ।

ଭୂମିହୀନ କୃଷି ଶ୍ରମିକ ତଥା ସହରାଞ୍ଚଳରେ ବସବାସ କରୁଥିବା ଦରିଦ୍ର ଲୋକଙ୍କ ଅବସ୍ଥାର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଗ୍ରାଧିକାର ଭିତ୍ତିରେ ସ୍ୱତନ୍ତ୍ର ଗୃହ ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

## ବସ୍ତି ଉନ୍ନୟନ

କଲିକତା, ମାନ୍ଦ୍ରାଜ, ବମ୍ବେ, ଦିଲ୍ଲୀ ଓ ଅହମ୍ମଦାବାଦ ଭଳି ମହାନଗରୀରେ ବାସଗୃହ ଅଭାବ ଏକ ସମସ୍ୟା ହୋଇଥିବାରୁ ଏ ସମସ୍ତ ଅଞ୍ଚଳରେ ବହୁ ଲୋକ ବସ୍ତି ଅଞ୍ଚଳରେ ବସବାସ କରନ୍ତି । ବସ୍ତିଗୁଡ଼ିକର ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ପାଇଁ ଏଠାରେ ବସବାସ କରୁଥିବା ଲୋକମାନଙ୍କ ପାଖରେ ଅର୍ଥର ଅଭାବ । ସେମାନଙ୍କୁ ଆଧୁନିକ ଧରଣର ବାସଗୃହ ଯୋଗାଇ ଦିଆଯିବା ପର୍ଯ୍ୟନ୍ତ ବସ୍ତିଗୁଡ଼ିକର ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି କରିବାକୁ ପଡ଼ିବ । ଏଭଳି ଉନ୍ନତି ବିଧାନ କେବଳ ଯେ ମହାନଗରୀଗୁଡ଼ିକରେ କରାଯିବ ତାହା ନୁହେଁ, ଅନ୍ୟାନ୍ୟ ବଡ଼ ବଡ଼ ସହରରେ ମଧ୍ୟ ଏହା ହାତକୁ ନିଆଯିବ । ଏ ଉଦ୍ଦେଶ୍ୟରେ ବସ୍ତି ଅଞ୍ଚଳର ପରିବେଶକୁ ଉନ୍ନତ କରିବା ପାଇଁ କେନ୍ଦ୍ର ପୂର୍ତ୍ତ ଓ ଗୃହ ନିର୍ମାଣ ମନ୍ତ୍ରଣାଳୟ ପକ୍ଷରୁ ଅଗ୍ରାଧିକାର ଭିତ୍ତିରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବସ୍ତି ଅଞ୍ଚଳରେ ପାନୀୟ ଜଳ, ଅପରିଷ୍କୃତ ଜଳ ନିଷ୍କାସନ, ସର୍ବ ସାଧାରଣ ପାଇଖାନା, ରାସ୍ତାଘାଟ ଓ ଆଲୋକ ଆଦିର ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ସମ୍ପୂର୍ଣ୍ଣରୂପେ ଆର୍ଥିକ ସାହାଯ୍ୟ ଦିଆଯାଇଛି ।

ଏହି ଯୋଜନା ପ୍ରଥମରୁ ଆଠଲକ୍ଷ ବା ତଦୂର୍ଦ୍ଧ୍ୱ ଲୋକସଂଖ୍ୟାବିଶିଷ୍ଟ ୧୧ଟି ନଗରୀରେ ଆରମ୍ଭ କରାଯାଇଥିଲା । ଯୋଜନା ଅନ୍ତର୍ଭୁକ୍ତ ନଗରୀଗୁଡ଼ିକ ହେଲେ—ଅହମ୍ମଦାବାଦ, ବାଙ୍ଗାଲୋର, ବମ୍ବେ, କଲିକତା, ଦିଲ୍ଲୀ, ହାଇଦ୍ରାବାଦ, କାନପୁର, ଲକ୍ଷ୍ନୌ, ମାନ୍ଦ୍ରାଜ, ନାଗପୁର ଓ ପୁନା । ପରେ ଯେଉଁ ନ'ଟି ସହରକୁ ଏହି ଯୋଜନାର ପରିସରଭୁକ୍ତ କରାଗଲା ସେଗୁଡ଼ିକ ହେଲେ—ଜୟପୁର, ଇନ୍ଦୋର, ପାଟନା, କୋଚିନ, ଶ୍ରୀନଗର, ଲୁଧିଆନା, କଟକ, ଗୌହାଟୀ ଓ ରୋହତକ । ୧୯୭୩-୭୪ ରେ ଏହି କାର୍ଯ୍ୟକ୍ରମ ଅବ୍ୟାହତ ରହିଛି ଏବଂ ପଞ୍ଚମ ଯୋଜନାରେ ମଧ୍ୟ ଏହା କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଛି ।

## ଗ୍ରାମାଞ୍ଚଳରେ ଘରଡିହ ଯୋଗାଣ

ଗ୍ରାମାଞ୍ଚଳରେ ବସବାସ କରୁଥିବା ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଘରତିଆରି ନିମନ୍ତେ ଘରଡ଼ିହ ଯୋଗାଇ ଦେବା ଉଦ୍ଦେଶ୍ୟରେ ୧୯୭୧ ଅକ୍ଟୋବରରୁ କେନ୍ଦ୍ରୀୟ ସ୍ତରରେ ଏକ ଯୋଜନା ଆରମ୍ଭ କରାଯାଇଛି ।

ଦେଶବାସୀଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ ଉଦ୍ଦେଶ୍ୟରେ ଯେଉଁସବୁ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି ଏହା ହେଉଛି ତନ୍ମଧ୍ୟରେ ଅନ୍ୟତମ । ଏହି ଯୋଜନା ଅନୁଯାୟୀ ଜମିଦଖଲ ବାବଦ ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ପକ୍ଷରୁ ସବୁ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରଦାନ କରାଯାଉଛି ।

ରାଜ୍ୟ ସରକାରମାନେ ଏହି ଯୋଜନା ଅନୁଯାୟୀ ପୂର୍ଣ୍ଣାଙ୍ଗ ପରିକଳ୍ପନା ଆଦି ପ୍ରସ୍ତୁତ କରି ୧୯୭୨ ଅପ୍ରେଲରୁ କେନ୍ଦ୍ର ପୂର୍ତ୍ତ ଓ ଗୃହ ନିର୍ମାଣ ମନ୍ତ୍ରଣାଳୟକୁ ପଠାଇବା ଆରମ୍ଭ କରେଣି । ୧୯୭୨-୭୩ ରେ ୧୩ଟି ରାଜ୍ୟର ଏହିଭଳି ଯୋଜନା ଅନୁମୋଦନ ଲାଭ କରିଛି ଓ କେନ୍ଦ୍ର ସରକାର ଏଥିପାଇଁ ୧୬ କୋଟି ୧୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ୧୯୭୩-୭୪ରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ପଞ୍ଚମ ଯୋଜନାରେ ଏ ଉଦ୍ଦେଶ୍ୟରେ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ ରହିଛି ।

## ଗୃହ ନିର୍ମାଣ ପାଇଁ ସମନ୍ୱିତ ଯୋଜନା

ଦେଶର ପ୍ରତ୍ୟେକ ସ୍ଥାନରେ ଗୃହହୀନ ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ପକ୍କା ଘର ଯୋଗାଇ ଦେବା ସମ୍ଭବ ହେଉ ନ ଥିବାରୁ ସମସ୍ୟାର ସମାଧାନ ପାଇଁ ଅଧିକ ବାସ୍ତବମୁଖୀ ଆଭିମୁଖ୍ୟ ଲୋଡ଼ା । ଯେଉଁ ସ୍ଥାନରେ ବନ୍ୟା, ବାତ୍ୟାର ସମ୍ଭାବନା ରହିଛି ସେଠାରେ ପକ୍କାଘର ତୋଳାଯାଇ ପାରେ ଓ ଅନ୍ୟ ସ୍ଥାନରେ ଅଲଗା ଧରଣର କିମ୍ବା ଘର ତୋଳିବାପାଇଁ ଆବଶ୍ୟକୀୟ ଉପକରଣମାନ ଯୋଗାଇ ଦିଆଯାଇପାରେ । ରାଜ୍ୟସରକାରମାନେ ମଧ୍ୟ ଏଥିପାଇଁ ବିଭିନ୍ନ ସୂତ୍ରରୁ ସମ୍ବଳ ସଂଗ୍ରହ କରିପାରିବେ ।

ଗୃହ ନିର୍ମାଣ ତଥା ସହରାଞ୍ଚଳ ଉନ୍ନୟନ ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ କର୍ପୋରେସନ୍ ପ୍ରତିଷ୍ଠା କରାଯାଇଛି । ଏହି କର୍ପୋରେସନ ୧୯୭୧ ମଧ୍ୟ ଭାଗରୁ କାର୍ଯ୍ୟ ଆରମ୍ଭ କରିଛି । ଘର ତୋଳିବା ପାଇଁ ସ୍ୱଳ୍ପ ଓ ମଧ୍ୟମ ଆୟ ଶ୍ରେଣୀର ଲୋକଙ୍କୁ କର୍ପୋରେସନ ପକ୍ଷରୁ ଋଣ ଯୋଗାଇ ଦିଆଯାଉଛି । ବିଭିନ୍ନ ସହରପାଇଁ ଏ ପର୍ଯ୍ୟନ୍ତ କର୍ପୋରେସନ ପକ୍ଷରୁ ୭୫ କୋଟି ଟଙ୍କାର ଋଣ ଦିଆଯାଇଛି ।

## ଗୃହ ନିର୍ମାଣ ଉନ୍ନୟନ ସଂସ୍ଥା

ଦିଲ୍ଲୀ ଉନ୍ନୟନ ସଂସ୍ଥା ଢାଞ୍ଚାରେ ବିଭିନ୍ନ ରାଜ୍ୟରେ ଏଭଳି ସଂସ୍ଥାମାନ ଗଢ଼ିବାପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି । ଦିଲ୍ଲୀରେ ଏହି ସଂସ୍ଥା ଗଠିତ ହେବା ପରଠାରୁ ଦିଲ୍ଲୀ ସହରରେ ବ୍ୟାପକ ଭାବରେ ଗୃହ ନିର୍ମାଣ ଯୋଜନା ଆରମ୍ଭ ହୋଇଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ସଂସ୍ଥା ପକ୍ଷରୁ ୧୮,୦୦୦ ଗୃହନିର୍ମାଣ କରାଯାଇଛି ଏବଂ ଆହୁରି ୧୫,୦୦୦ ଗୃହର ନିର୍ମାଣ କାର୍ଯ୍ୟ ଚାଲିଛି ।

ପୂର୍ତ୍ତ ଓ ଗୃହ ନିର୍ମାଣ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ କୋଠାବାଡ଼ି ସଂସ୍ଥା ତରଫରୁ ସ୍ୱଳ୍ପ ଖର୍ଚ୍ଚରେ ଗୃହ ନିର୍ମାଣ କିପରି କରାଯାଇ ପାରିବ ସେ ଦିଗରେ ଗବେଷଣା ଚାଲିଛି ଓ ଗବେଷଣା ଲବ୍ଧ ଫଳାଫଳର ଉପଯୋଗ ପାଇଁ ଉଦ୍ୟମ ହେଉଛି । ଏହି ସଂସ୍ଥା ୧୯୫୪ରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହା ଅଧୀନସ୍ଥ ପାଞ୍ଚଟି ଗ୍ରାମ୍ୟ ଗୃହ ନିର୍ମାଣ ଶାଖା ପକ୍ଷରୁ ୭୮ଟି ପ୍ରଦର୍ଶନ-ଗୃହ ନିର୍ମାଣ କରାଯାଇଛି । ଗାଁ ଗହଳିରେ ମିଳୁଥିବା ଉପକରଣର ସଦୁପଯୋଗରେ ଏହି ଘରଗୁଡ଼ିକ ତିଆରି ହୋଇଛି । ରାଜ୍ୟ ସରକାର ତଥା ଅନ୍ୟାନ୍ୟ ଅନୁଷ୍ଠାନ ଏ ଧରଣର ଗୃହ ନିର୍ମାଣ କରି ପାରିଲେ ବାସଗୃହ ସମସ୍ୟାର ସମାଧାନ ସହଜରେ ହୋଇପାରିବ ।

———

# ଜାଣନ୍ତି କି ?

## *ସ୍ୱଳ୍ପ ସଞ୍ଚୟ

ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ଚାରିବର୍ଷ ମଧ୍ୟରେ ସ୍ୱଳ୍ପ ସଞ୍ଚୟରୁ ୭୬୯ କୋଟି ଟଙ୍କା ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୮୯୪ କୋଟି ଟଙ୍କା ଅର୍ଥାତ୍ ଅଧିକା ୧୨୫ କୋଟି ଟଙ୍କା ସଂଗୃହୀତ ହୋଇପାରିଛି ।

୧୯୭୪-୧୯୭୯ ସୁଦ୍ଧା ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ସ୍ୱଳ୍ପ ସଞ୍ଚୟ ଯୋଜନାରୁ ୧,୮୦୦ କୋଟି ଟଙ୍କା ସଂଗୃହୀତ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି ।

## *ଗୁଆ ଉତ୍ପାଦନ

ବିଗତ ଦଶ ବର୍ଷ ମଧ୍ୟରେ ଗୁଆ ଉତ୍ପାଦନ ୭୪,୭୫୦ ମେଟ୍ରିକ୍ ଟନ୍‌ରୁ ୧,୨୬,୦୦୦ ମେଟ୍ରିକ୍ ଟନ୍‌କୁ ଅର୍ଥାତ୍ ଶତକଡ଼ା ୭୦ ଭାଗ ବୃଦ୍ଧି ପାଇଛି ଏବଂ ଚତୁର୍ଥ ଯୋଜନା ଶେଷସୁଦ୍ଧା ଏହା ୧.୫ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇବ ।

ବର୍ତ୍ତମାନ ହାରାହାରି ୧.୪ ଲକ୍ଷ ହେକ୍ଟର ଜମିରେ ଗୁଆ ଚାଷ କରାଯାଉଛି । ସାଧାରଣତଃ କେରଳ, ମହୀଶୂର, ଓଡ଼ିଶା, ଆସାମ, ପଶ୍ଚିମ ବଙ୍ଗଳା, ତାମିଲନାଡୁ ଓ ମହାରାଷ୍ଟ୍ରରେ ବ୍ୟାପକ ପରିମାଣରେ ଗୁଆ ଚାଷ କରାଯାଇଥାଏ । ବାର୍ଷିକ ୯୦ କୋଟି ଟଙ୍କା ମୂଲ୍ୟର ଗୁଆ ଉତ୍ପାଦନ କରାଯିବା ସଂଗେ ସଂଗେ ଏକ୍ଷେତ୍ରରେ ୪ନିୟୁତ ଲୋକ ନିଯୁକ୍ତ ହୋଇପାରିଛନ୍ତି ।

## *କୃଷି ପଣ୍ଡିତ

ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲ୍ଲା ଅନ୍ତର୍ଗତ ଛବ୍‌'ର ଶ୍ରୀ ଦଲଓ୍ୱନ୍ତ ସିଂହ ହେକଟର ପିଛା ସର୍ବାଧିକ ୧୨,୮୪୮ କିଲୋଗ୍ରାମ ଗହମ ଅମଳ କରି ସର୍ବଭାରତୀୟ ଗହମ ଉତ୍ପାଦନ ପ୍ରତିଯୋଗିତାରେ ଶ୍ରେଷ୍ଠ ଚାଷୀ ରୂପେ ବିବେଚିତ ହେବା ସଂଗେ ସଂଗେ ଚଳିତ ବର୍ଷ ତାଙ୍କୁ 'କୃଷି ପଣ୍ଡିତ' ଉପାଧିରେ ଭୂଷିତ କରାଯାଇଛି ।

## *ଅନ୍ଧ ଯୁବକଙ୍କ ଉଲ୍ଲେଖନୀୟ କୃତିତ୍ୱ

ଗୁଜୁରାଟ ବିଶ୍ୱବିଦ୍ୟାଳୟର ଆଜନ୍ମ ଅନ୍ଧ ଶ୍ରୀ ବି. ଓ୍ୱାଇ. ମେହେତା ସଂସ୍କୃତରେ ସ୍ନାତକୋତ୍ତର ଅଧ୍ୟୟନ ନିମନ୍ତେ ବାର୍ଷିକ ଟ ୧,୮୦୦୮ ବୃତ୍ତି ପାଇବା ପାଇଁ ବିଶ୍ୱବିଦ୍ୟାଳୟ ଦ୍ୱାରା ମନୋନୀତ ହୋଇଛନ୍ତି ।

# ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ଉତ୍ପାଦନ କାରଖାନା

ଦେଶରେ ରାଷ୍ଟ୍ରାୟତ୍ତ ଭିତ୍ତିରେ ପ୍ରତିଷ୍ଠିତ ପ୍ରତିରକ୍ଷା ଶିଳ୍ପକ୍ଷେତ୍ରରେ ଯେଉଁ ଅଗ୍ରଗତି ସାଧିତ ହୋଇଛି ତା'ର ନିଦର୍ଶନ ଅଛି ହିନ୍ଦୁସ୍ଥାନ ବିମାନ ନିର୍ମାଣ ଏବଂ ମାଜଗାଁଓ ଜାହାଜ ନିର୍ମାଣ କାରଖାନା । ସାଧାରଣ ମରାମତି କାରଖାନା ରୂପେ ଜନ୍ମ ନେଇ ଆଜି ଅତ୍ୟାଧୁନିକ ବିମାନ ଓ ଯୁଦ୍ଧ ଜାହାଜ ତିଆରି କରି ଉନ୍ନତ ଶିଳ୍ପ ପ୍ରତିଷ୍ଠାନଭାବେ ଏହି କାରଖାନା ଦ୍ୱୟ ନିଜର ପ୍ରତିଷ୍ଠା ବଜାୟ ରଖିଛନ୍ତି ।

ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଦେଶରେ ମାତ୍ର ୧୬ ଟି ସାମରିକ ଉତ୍ପାଦନ କାରଖାନା ଥିଲା । ଏଥିରେ ମୁଖ୍ୟତଃ ସାମରିକ ଭଣ୍ଡାର ପାଇଁ କେତେକ ସାମଗ୍ରୀ ଏବଂ ବୋଲଟ୍ ପ୍ରଭୃତି ରାଇଫଲ ଓ ଅଳ୍ପ ପରିମାଣରେ ଗୋଳାବାରୁଦ ତିଆରି ହେଉଥିଲା । ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ସାମରିକ ଯନ୍ତ୍ରପାତି ପାଇଁ ଆମକୁ ବିଦେଶ ଉପରେ ପୁରାପୁରି ନିର୍ଭର କରିବାକୁ ପଡୁଥିଲା ।

ସ୍ୱାଧୀନତା ପରେ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଲା । ବିଶେଷକରି ୧୯୬୨ ମସିହା ଯୁଦ୍ଧ ପରେ ଏ ଦିଗରେ ସକ୍ରିୟ ଉଦ୍ୟମ ଆରମ୍ଭ ହେଲା । ଆଜି ୮୬ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ହୋଇଥିବା ୧୮ଟି ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କାରଖାନାରେ ଅତ୍ୟାଧୁନିକ ବିମାନ ଓ ଯୁଦ୍ଧ ଜାହାଜ,ବୈଦ୍ୟୁତିକ ଯନ୍ତ୍ରପାତି, ଭାରୀ ମାଟି ଖୋଳା ଯନ୍ତ୍ର ଓ କ୍ଷେପଣାସ୍ତ୍ର ଇତ୍ୟାଦି ଉତ୍ପାଦନ କରାଯାଇପାରୁଛି ।

୧୯୭୨-୭୩ ରେ ଏହି କାରଖାନାଗୁଡ଼ିକରେ ମୋଟ ୨୦୫ କୋଟି ଟଙ୍କା ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦିତ ହୋଇଛି । ୧୯୭୦-୭୧ ରେ ଏହାର ପରିମାଣ ଥିଲା ୧୬୧ କୋଟି ଟଙ୍କା । ୧୯୬୧-୬୨ ରେ ମାତ୍ର ୧୮ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଉତ୍ପାଦିତ ହୋଇଥିଲା ।

କେବଳ ସାମରିକ ଚାହିଦା ନୁହେଁ, ବେସାମରିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ସାମଗ୍ରୀର ଆବଶ୍ୟକତା ପୂରଣ ଦିଗରେ ଏହି କାରଖାନାଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପଣ୍ୟ ଜାହାଜ, ଯାତ୍ରିବାହୀ ଜାହାଜ, ଟ୍ରେଲର, ଟଗ୍, ମାଛଧରା ବୋଟ, ମଧ୍ୟମ ଧରଣର ପରିବହନ ବିମାନ, ରାଡ଼ାର, ଟେଲିଭିଜନ୍, ରେଳଡ଼ବା, ବୈଦ୍ୟୁତିକ ସାମଗ୍ରୀ, ଯନ୍ତ୍ରପାତି, ମାଟି ଖୋଳା ଯନ୍ତ୍ର ଆଦି ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ଏହି କାରଖାନାମାନଙ୍କରେ ଉତ୍ପାଦିତ ହେଉଛି । ୧୯୭୧-୭୨ ରେ ମୋଟ ୧୭୪ କୋଟି ଟଙ୍କା ମୂଲ୍ୟର ଉତ୍ପାଦିତ ସାମଗ୍ରୀ ମଧ୍ୟରୁ ୭୪ କୋଟି ଟଙ୍କାର ଯନ୍ତ୍ରପାତି ବେସାମରିକ ବିଭାଗ ପାଇଁ ଉତ୍ପାଦିତ ହୋଇଥିଲା ।

ଦକ୍ଷତା ଓ ପରିଚାଳନା ଦିଗରୁ ବିଚାର କଲେ କେତେକ ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କାରଖାନା ଉଚ୍ଚ ଆଦର୍ଶ ବଜାୟ ରଖିପାରିଛି । ୧୯୭୧-୭୨ ରେ ଆଠଟି କାରଖାନା ମଧ୍ୟରୁ ୬ ଟିରେ ୧୫ କୋଟି ଟଙ୍କା ଲାଭ ହୋଇଥିଲା । ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ଉତ୍ପାଦନ ପାଇଁ ୧୯୭୦ ରେ "ଭାରତ ଡାଇନାମିକସ୍ କାରଖାନା" ପ୍ରତିଷ୍ଠା କରାଯାଇଛି । ଏହା ହେଉଛି ଏ କ୍ଷେତ୍ରରେ କନିଷ୍ଠତମ ପ୍ରତିଷ୍ଠାନ ।

ହିନ୍ଦୁସ୍ତାନ ବିମାନ ନିର୍ମାଣ କାରଖାନାରେ ବର୍ତ୍ତମାନ ଏଚ. ଏଫ୍-୨୪, ମିଗ୍-୨୧, ନାଟ୍, ଏଚ. ଜେ. ଟି-୧୬, ଆଲୁଏଟ ହେଲିକପ୍ଟର ଏବଂ ଏଚ. ଏସ୍-୭୪୮ ବିମାନ ନିର୍ମାଣ କରାଯାଉଛି । ନିକଟରେ ଏହି କାରଖାନାର ବାଙ୍ଗାଲୋର



ଭାରତରେ ନିର୍ମିତ ପ୍ରଥମ ଯୁଦ୍ଧ ବିମାନ-ମିଗ୍-୨୧ ଏମ୍

ଫ୍ରାନ୍ସରୁ ଏସ୍. ଏ.-୩୧୫ (ଚିତା) ନାମକ ହେଲିକପ୍ଟର ଉତ୍ପାଦନ କରାଯାଉଛି । ଏଗୁଡ଼ିକ ମଧ୍ୟରୁ ଏଚ. ଏଫ୍-୨୪ ଏବଂ ଏଚ୍. ଜେ. ଟି.-୧୬ ବିମାନର ନମୁନା ଦେଶ ମଧ୍ୟରେ ହିଁ ପ୍ରସ୍ତୁତ କରାଯାଇଥିଲା । କୃଷି ପାଇଁ ଆବଶ୍ୟକ "ବସନ୍ତ" ନାମକ ଏକ ବିମାନର ନମୁନା ଏହି କାରଖାନା ପକ୍ଷରୁ କରାଯାଇ ବର୍ତ୍ତମାନ ପରୀକ୍ଷାମୂଳକ ସ୍ତରରେ ରହିଛି ।

ହିନ୍ଦୁସ୍ଥାନ ବିମାନ ନିର୍ମାଣ କାରଖାନାର ୭ଟି ବିଭାଗ ମଧ୍ୟରୁ ବାଙ୍ଗାଲୋରସ୍ଥିତ ବିଭାଗଟି ବୃହତ୍ତମ । କାନପୁରସ୍ଥିତ କାରଖାନାରେ ଏଚ. ଏସ୍.-୭୪୮ ଜାତୀୟ ବିମାନ ଏବଂ କୋରାପୁଟ, ହାଇଦ୍ରାବାଦ ଓ ନାସିକଠାରେ ମିଗ୍‌ର ବିଭିନ୍ନ ଅଂଶ ନିର୍ମିତ ହେଉଛି । ବିମାନର ଅନ୍ୟାନ୍ୟ ଉପକରଣ ଉତ୍ପାଦନ ପାଇଁ ଲକ୍ଷ୍ନୌଠାରେ ଗୋଟିଏ ବିଭାଗ ନିର୍ମାଣ ସ୍ତରରେ ରହିଛି ।

ବିଦ୍ୟୁତ୍ ଯନ୍ତ୍ରପାତି ଉତ୍ପାଦନ କରିବା ଦିଗରେ ଭାରତ ଇଲେକ୍ଟ୍ରୋନିକ୍ସ୍ ଲିମିଟେଡ୍ ଦେଶର ସର୍ବ ବୃହତ୍ତମ କାରଖାନା । ବର୍ତ୍ତମାନ ଏଠାରେ ବାର୍ଷିକ ୪୦ କୋଟି ଟଙ୍କା ମୂଲ୍ୟର ବିଦ୍ୟୁତ୍ ସାମଗ୍ରୀ ଉତ୍ପାଦିତ ହେଉଛି । ବିଦ୍ୟୁତ୍ ଟ୍ରାନ୍ସମିଟର, ରିସିଭର ଓ ରାଡ଼ାର ଆଦି ଜଟିଳ ସାମଗ୍ରୀ ବିଭିନ୍ନ ସାମରିକ ଓ ବେସାମରିକ ସୁବିଧା ପୂରଣ କରିବାରେ ସହାୟକ ହେଉଛି । ଏହା ବ୍ୟତୀତ ଏଠାରେ ମଧ୍ୟ ଟ୍ରାଞ୍ଜିଷ୍ଟର, କାପାସିଟର, ଟ୍ରାନ୍ସମିଟିଂ ଟ୍ୟୁବ୍ ଏବଂ ଏକ୍ସରେ ଓ ଟେଲିଭିଜନ ଟ୍ୟୁବ୍ ଆଦି ଉତ୍ପାଦନ କରାଯାଉଛି । ମାଇକ୍ରୋୱେଭ୍ ଓ ରାଡ଼ାର ଯନ୍ତ୍ରପାତି ଉତ୍ପାଦନ ପାଇଁ ଗାଜିଆବାଦଠାରେ ଏହି ପ୍ରତିଷ୍ଠାନର ଆଉ ଏକ ଶାଖା ନିର୍ମାଣ କରାଯାଉଛି । ଚଳିତ ବର୍ଷ ସେପ୍ଟେମ୍ବରଠାରୁ ଏହି ଶାଖାରେ ଉତ୍ପାଦନ ଆରମ୍ଭ ହେବ ।

ବମ୍ବେସ୍ଥିତ ମାଜାଗାଁଓ ଡକ୍ ଏବଂ କଲିକତାସ୍ଥିତ ଗାର୍ଡେନରିଚ୍ ୱାର୍କସପରେ ନୌବାହିନୀ ପାଇଁ ଯୁଦ୍ଧ ଜାହାଜ, ଡ୍ରେଜର, ଟଗ୍ ଓ ଅନ୍ୟାନ୍ୟ ଜାହାଜ ନିର୍ମାଣ କରାଯାଉଛି । ପରିବହନ ଓ ଯାତ୍ରୀବାହୀ ଜାହାଜ, ମାଛଧରା ଟ୍ରଲର ଆଦି ମଧ୍ୟ ଏଠାରେ ନିର୍ମିତ ହେଉଛି । ପ୍ରଥମ ଲିଣ୍ଡର ଶ୍ରେଣୀୟ ଯୁଦ୍ଧ ଜାହାଜ ଆଇ. ଏନ୍. ଏସ୍.-'ନୀଳଗିରି' ମାଜାଗାଁ ଓ କାରଖାନାରେ ନିର୍ମାଣ କରାଯାଇଥିଲା । ଅତ୍ୟାଧୁନିକ ଯୁଦ୍ଧ ଜାହାଜଗୁଡ଼ିକରେ ବହୁ ପରିମାଣରେ ଦେଶୀୟ ଉପକରଣ ବ୍ୟବହାର କରାଯାଉଛି । ବର୍ତ୍ତମାନ ପୃଥିବୀର ୧୦ଟି ରାଷ୍ଟ୍ର ନିଜ ଦେଶରେ ଯୁଦ୍ଧ ଜାହାଜ ନିର୍ମାଣ କରିବା ପାଇଁ ସକ୍ଷମ ହୋଇପାରିଛନ୍ତି । ୧୯୭୨-୭୩ ରେ ଏହି ଡକ୍ ପକ୍ଷରୁ ନିର୍ମିତ "ହର୍ଷବର୍ଦ୍ଧନ" ନାମକ ଯାତ୍ରୀ ଓ ମାଲବାହୀ ଜାହାଜ ଭାରତୀୟ ନୌଚଳାଚଳ କର୍ପୋରେସନକୁ ଦିଆଯାଇଛି ।

ଗାର୍ଡେନରିଚ୍ ୱାର୍କସପରେ ଅଧିକ ଶକ୍ତିଶାଳୀ ଡ୍ରେଜର ଓ ଟଗ୍ ଆଦି ନିର୍ମାଣ କରାଯାଇ ବିଭିନ୍ନ ବନ୍ଦରଗୁଡ଼ିକୁ ଯୋଗାଇ ଦିଆଯାଉଛି ।

ସାମରିକ ବାହିନୀ ପାଇଁ ଡ୍ରେଜର, ଡମ୍ପର ଓ ମୋଟରଗ୍ରେଡ଼ର ଆଦି ଭାରୀ ମାଟି ଖୋଳା ଯନ୍ତ୍ର ଭାରତୀୟ ମାଟି-ଖୋଳା ଯନ୍ତ୍ରପାତି ପ୍ରତିଷ୍ଠାନରେ ନିର୍ମାଣ କରାଯାଉଛି । ରେଳ ଡବା ମଧ୍ୟ ଏଠାରେ ନିର୍ମିତ ହେଉଛି ।

ପ୍ରାଗ୍ ଯନ୍ତ୍ରପାତି କାରଖାନାରେ ବିଭିନ୍ନ କିସମର ଯନ୍ତ୍ରପାତି, ପେଷାଯନ୍ତ୍ର, ଡ୍ରିଲିଂ ମେସିନ୍, ଲେଦ୍ ଓ ଗାଡ଼ିବା ଯନ୍ତ୍ରପାତି ଉତ୍ପାଦନ କରାଯାଉଛି । ସବୁଠାରୁ କନିଷ୍ଠତମ ରାଷ୍ଟ୍ରାୟତ୍ତ କାରଖାନା ଭାରତ ଡାଇନାମିକସ୍‌ରେ ଟ୍ୟାଙ୍କବିଧ୍ୱଂସୀ କ୍ଷେପଣାସ୍ତ୍ର ପ୍ରାୟ ଶତକଡ଼ା ୭୦ ଭାଗ ଦେଶୀ ଉପକରଣ ବ୍ୟବହାରରେ ଉତ୍ପାଦିତ ହେଉଛି ।



ଜିପ୍ ଉପରେ ଗଚ୍ଛିତ ଟ୍ୟାଙ୍କ୍ ବିଧ୍ୱଂସୀ କ୍ଷେପଣାସ୍ତ୍ର (anti-tank missiles)
ହାଇଦ୍ରାବାଦସ୍ଥିତ ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କାରଖାନାରେ ଏ ଧରଣର
କ୍ଷେପଣାସ୍ତ୍ର ନିର୍ମିତ ହେଉଛି ।

୧୯୬୫ ଠାରୁ ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ଉତ୍ପାଦନ କାରଖାନାଗୁଡ଼ିକରେ ଦେଶୀୟ ଉପକରଣ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ବିମାନ ନିର୍ମାଣ କ୍ଷେତ୍ରରେ ଶତକଡ଼ା ୬୦ରୁ ୭୦ ଭାଗ, ବିଦ୍ୟୁତ ଉପକରଣ ଉତ୍ପାଦନରେ ଶତକଡ଼ା ୭୫ ଭାଗ ଏବଂ ଭାରୀ ମାଟିଖୋଳା ଯନ୍ତ୍ରରେ ଶତକଡ଼ା ୬୦ରୁ ୭୫ ଭାଗ ପର୍ଯ୍ୟନ୍ତ ଦେଶୀୟ ଉପକରଣ ବ୍ୟବହାର କରାଯାଉଛି ।

ପ୍ରତିରକ୍ଷା ବିଭାଗ ପାଇଁ କେତେକ ସ୍ୱତନ୍ତ୍ର କିସମର ଧାତୁ ଓ ଉନ୍ନତ ଶ୍ରେଣୀର ମିଶ୍ରିତ ଧାତୁ ଉତ୍ପାଦନ କ୍ଷେତ୍ରରେ ସ୍ୱୟଂନିର୍ଭରଶୀଳ ହେବା ପାଇଁ ହାଇଦ୍ରାବାଦଠାରେ ଗୋଟିଏ ନୂତନ କାରଖାନା ବସାଇବାର ସ୍ଥିର କରାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟର ଏହା ହେବ ନବମ ରାଷ୍ଟ୍ରାୟତ୍ତ କାରଖାନା ।

ଅତ୍ୟାଧୁନିକ ଯୁଦ୍ଧ ବିମାନ ଓ ଜାହାଜ ନିର୍ମାଣ, ବିଦ୍ୟୁତ ଉପକରଣ ଏବଂ କ୍ଷେପଣାସ୍ତ୍ର ଉତ୍ପାଦନ କ୍ଷେତ୍ରରେ ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ଉତ୍ପାଦନ କାରଖାନାଗୁଡ଼ିକ ଦେଶରେ ଏକ ଶକ୍ତିଶାଳୀ ମୂଳଦୁଆ ସ୍ଥାପନ କରିବାରେ ସକ୍ଷମ ହୋଇପାରିଛନ୍ତି ।

## ସଞ୍ଚୟ ବିଭାଗ

# ପଞ୍ଚମ ଯୋଜନାରେ ସ୍ୱଳ୍ପସଞ୍ଚୟର ଭୂମିକା

ଯୋଜନାବଦ୍ଧ ଅର୍ଥନୀତିରେ ସଂଚୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତ ଭଳି ଏକ ବିକାଶଶୀଳ ଦେଶରେ ଆତ୍ମନିର୍ଭରଶୀଳତା ହାସଲ ତଥା ଅର୍ଥନୈତିକ ବିକାଶ ନିମନ୍ତେ ଜନସାଧାରଣ ଅଧିକ ପରିମାଣରେ ସଂଚୟ କରିବା ଆବଶ୍ୟକ । ତାହା ହେଲେ ଏହି ସଂଚିତ ଅର୍ଥ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ବିନିଯୋଗ ହୋଇ ପାରିବ ।

ସରକାରୀ ସଂସ୍ଥାର ସଂଚୟ, କର୍ମଚାରୀ ଭବିଷ୍ୟନିଧି, ବ୍ୟକ୍ତିଗତ ସଂଚୟ ଓ ବ୍ୟାଙ୍କରେ ଅର୍ଥ ଜମା କରିବା ଆଦି ବିଭିନ୍ନ ଉପାୟରେ ଅର୍ଥ ସଂଚୟ କରାଯାଇପାରେ । ତେବେ ଯେଉଁମାନଙ୍କର ନିର୍ଦ୍ଦିଷ୍ଟ ଆୟ ରହିଛି, ସେଇ ମାନେହିଁ ପ୍ରତି

ମାସରେ ନିଜ ଆୟର କିଛି ଅଂଶ ସଞ୍ଚୟ ଆକାରରେ ଜମା କରନ୍ତି । ପୋଷ୍ଟ ଅଫିସରେ ଟଙ୍କା ଜମା କରିବା ସହିତ ଏବେ ବହୁ ସଂଚୟ ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ସଂଚୟକାରୀମାନେ ନିଜର ଭବିଷ୍ୟତ ପାଇଁ ଟଙ୍କା ଜମା କରିଥାନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ ହୁଏତ ଖୁବ୍ କମ୍ ଲୋକ ଜାଣନ୍ତି ଯେ ଦେଶରେ ଦିନକୁ ଦିନ ଗଢି ଉଠୁଥିବା ବଡ଼ ବଡ଼ ଶିଳ୍ପ କାରଖାନା, ଜଳସେଚନ ତଥା ନଦୀବନ୍ଧ ଯୋଜନା ଆଦି ତାଙ୍କର ସଂଚିତ ଅର୍ଥରେ ନିର୍ମିତ ହେଉଛି । ଏହିସବୁ ସ୍ୱଳ୍ପ ସଂଚୟ କାର୍ଯ୍ୟକ୍ରମକୁ ନେଇ ଆମ ଦେଶରେ ଜାତୀୟ ସଂଚୟ ଆନ୍ଦୋଳନ ଯେଉଁଭଳି ଭାବରେ ଅଗ୍ରଗତି କରି ଚାଲିଛି, ସେଥିରୁ ଆଗାମୀ ବର୍ଷମାନଙ୍କରେ ଦେଶର ଉନ୍ନୟନ ଯୋଜନାଗୁଡ଼ିକ ଲାଗି ପ୍ରଚୁର ପରିମାଣର ଜାତୀୟ ସମ୍ବଳ ମିଳି ପାରିବ ବୋଲି ଆଶା କରାଯାଏ ।

ଚତୁର୍ଥ ଯୋଜନାର ପ୍ରଥମ ଚାରି ବର୍ଷରେ ସ୍ୱଳ୍ପ ସଂଚୟର ପରିମାଣ ୮୯୪ କୋଟି ଟଙ୍କା ହୋଇଛି । ଏହି ସମୟରେ ଏ ବାବଦରେ ୭୬୯ କୋଟି ଟଙ୍କା ସଂଗୃହୀତ ହୋଇ ପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ପ୍ରକୃତ ସଂଚୟର ପରିମାଣ ୧୨୫ କୋଟି ଟଙ୍କାରୁ ଅଧିକ ହୋଇ ପାରିଛି । ଏ କ୍ଷେତ୍ରରେ ହୋଇଥିବା ପ୍ରଗତିକୁ ଆଖି ଆଗରେ ରଖି ଗତ ବର୍ଷ ସ୍ୱଳ୍ପ ସଞ୍ଚୟ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟର ପରିମାଣ ୧,୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଗଲା । କିନ୍ତୁ ବର୍ତ୍ତମାନ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ୧୦୦ କୋଟି ଟଙ୍କା ଅଧିକ ହେବ ବୋଲି ଆଶା କରାଯାଉଛି । ଅନ୍ୟ କଥାରେ କହିବାକୁ ଗଲେ ସ୍ୱଳ୍ପ ସଂଚୟ ବାବଦରେ ଯେତିକି ପରିମାଣର ଅର୍ଥ ସଂଗୃହୀତ ହୋଇଛି ତାହା ସରକାରୀ ଉଦ୍ୟୋଗ କ୍ଷେତ୍ରରେ ବିନିଯୋଗ କରା ଯାଇଥିବା ଅର୍ଥ ପରିମାଣର ଶତକଡ଼ା ସାତ ଭାଗ । ପଞ୍ଚମ ଯୋଜନା (୧୯୭୪—୭୯) କାଳରେ ସ୍ୱଳ୍ପ ସଂଚୟ କ୍ଷେତ୍ରରୁ ୧,୮୦୦ କୋଟି ଟଙ୍କା ମିଳି ପାରିବ ବୋଲି ଅନୁମାନ କରାଯାଉଛି ।

ସ୍ୱଳ୍ପ ସଂଚୟ କ୍ଷେତ୍ରରୁ ମିଳୁଥିବା ଅର୍ଥର ଦୁଇ ତୃତୀୟାଂଶ ବିଭିନ୍ନ ଉନ୍ନୟନ ପରିକଳ୍ପନାଗୁଡ଼ିକରେ ବ୍ୟୟ କରିବା ପାଇଁ ସଂପୃକ୍ତ ରାଜ୍ୟ ସରକାରମାନଙ୍କୁ ଋଣ ଆକାରରେ ଦିଆଯାଇଥାଏ । ଏହି ଅର୍ଥ ପରିମାଣ ୧୯୭୧-୭୨ରେ ୧୫୧ କୋଟି ଟଙ୍କା ହୋଇଥିବା ସ୍ଥଳେ ୧୯୭୨-୭୩ରେ ତାହା ୧୭୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଚଳିତ ବର୍ଷ ଏହା ୨୩୫ କୋଟି ଟଙ୍କା ହେବ ବୋଲି ଆଶା କରାଯାଏ । ପଶ୍ଚିମବଙ୍ଗ, ମହୀଶୂର ଓ ମଧ୍ୟ ପ୍ରଦେଶରେ ସ୍ୱଳ୍ପ ସଂଚୟର ପରିମାଣ ଜାତୀୟ-ସ୍ତରରେ ହାରାହାରି ସଂଚୟର ପରିମାଣଠାରୁ ଶତକଡ଼ା ପାଞ୍ଚଭାଗରୁ ଅଧିକ ହୋଇଥିବାରୁ ସେହି ରାଜ୍ୟମାନଙ୍କୁ ଏ ବାବଦରେ ଅଧିକ ଋଣ ସହାୟତା ଦିଆଯିବ ।

ଜାତୀୟ ସଂଚୟ ଆନ୍ଦୋଳନ ଦେଶର ଉନ୍ନୟନମୂଳକ ଯୋଜନା ପାଇଁ ସମ୍ବଳ ଯୋଗାଇଦେବା ସଂଗେ ସଂଗେ ପ୍ରାୟ ଏକ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇପାରିଛି । ଏ କ୍ଷେତ୍ରରେ ନିଯୁକ୍ତ କର୍ମଚାରୀମାନେ ମାସିକ ୫୦ ଟଙ୍କାରୁ ଆରମ୍ଭକରି ଏକ ହଜାର ଟଙ୍କାରୁ ଅଧିକ ଆୟ କରି ପାରୁଛନ୍ତି ।

ସ୍ୱଳ୍ପ ସଂଚୟ ଆନ୍ଦୋଳନ ସ୍ୱଳ୍ପ ଆୟକାରୀ ତଥା ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଉପକାର ପାଇଁ ଉଦ୍ଦିଷ୍ଟ । ଏହି ସ୍ତରର ଲୋକେ ସାଧାରଣତଃ ବିବାହ, ଉଚ୍ଚ ଶିକ୍ଷା, ଚିକିତ୍ସା ଓ ବାସଗୃହ ନିର୍ମାଣ ଆଦି ପାଇଁ ଟଙ୍କା ଆବଶ୍ୟକ କରିଥାନ୍ତି ଏବଂ ଏଥିଲାଗି ମହାଜନମାନଙ୍କ ଦ୍ୱାରସ୍ଥ ହୋଇଥାଆନ୍ତି । ଏଭଳି ଦୁର୍ଦ୍ଦିନରେ ତାଙ୍କୁ ସାହାଯ୍ୟ କରେ ସ୍ୱଳ୍ପ ସଂଚୟ । ସ୍ୱଳ୍ପ ସଂଚୟ ଯୋଜନାରେ ସଂଚୟକାରୀଙ୍କୁ ଆକର୍ଷଣୀୟ ସୁଧ ଓ ଟିକସ ରିହାତି ମିଳିଥାଏ । କିନ୍ତୁ ଏସବୁ ସୁବିଧା ସତ୍ତ୍ୱେ ସ୍ୱଳ୍ପ ସଂଚୟ ଯୋଜନାରେ ସଂଚୟକାରୀଙ୍କ ସଂଖ୍ୟା ଖୁବ୍ କମ୍ ଅଟେ । ମୋଟ ଲୋକସଂଖ୍ୟାର ଶତକଡ଼ା ୬·୨ ଭାଗ ମାତ୍ର ଏଇ ଯୋଜନାରେ ସଂଚୟ କରିଥାନ୍ତି । ଏଇ ଯୋଜନାକୁ ଅଧିକ ଲୋକପ୍ରିୟ କରିବା ଲାଗି ଅନେକ

ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ସ୍ୱଳ୍ପ ସଂଚୟ ଆନ୍ଦୋଳନର ପରିସର ମଧ୍ୟରେ ମହିଳାମାନଙ୍କୁ ସମ୍ପୃକ୍ତ କରିବା ଲାଗି ୧୯୭୨ ଏପ୍ରିଲ ମାସରେ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମହିଳା ସମାଜସେବୀମାନେ ଘର ଘର ବୁଲି ଗୃହିଣୀମାନଙ୍କୁ ସଂଚୟ କରିବା ଲାଗି ପ୍ରବର୍ତ୍ତାଇବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଦେଶର ୧୩୬ଟି ସହରରେ ପ୍ରାୟ ଅଢ଼େଇହଜାରରୁ ଅଧିକ ମହିଳା ଏ ଦିଗରେ କାର୍ଯ୍ୟକରୁଛନ୍ତି । ଏମାନଙ୍କ ଉଦ୍ୟମରେ ସଂଗୃହୀତ ସଂଚୟର ପରିମାଣ ଉପରେ ମାସିକ ଶତକଡ଼ା ୨ ଭାଗ କମିଶନ ଦିଆଯାଏ ।

ସ୍ୱଳ୍ପ ସଂଚୟ ଯୋଜନାରେ ଟଙ୍କା ଜମା ରଖିବା ନିମନ୍ତେ ସ୍ୱଳ୍ପ ଆୟକାରୀଙ୍କୁ ପ୍ରବର୍ତ୍ତାଇବା ଲାଗି ଛାତ୍ରମାନେ ଯେପରି ସକ୍ରିୟ ଅଂଶ ଗ୍ରହଣ କରି ପାରିବେ, ସେ ଉଦ୍ଦେଶ୍ୟରେ ଅନ୍ୟ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଦେଶର ୧୫ଟି ରାଜ୍ୟରେ ୫୦୦ କଲେଜର ୩,୨୦୦ରୁ ଅଧିକ ଛାତ୍ର ସେମାନଙ୍କର ଅବସର ସମୟରେ ଗାଁ ଗାଁ ବୁଲି ସଂଚୟ କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା କାର୍ଯ୍ୟରେ ଲାଗିଛନ୍ତି ।

ବିଦ୍ୟାଳୟ ଛାତ୍ରମାନଙ୍କ ସଂଚୟର ସୁବିଧା ପାଇଁ ଏକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହାର ନାମ ସଂଚୟିକା । ଛାତ୍ରମାନେ ନିଜେ ବ୍ୟାଙ୍କ କାଉଣ୍ଟରରେ ବସି ପାଶବୁକ୍‌ରେ ଜମା ହିସାବ ଲେଖିବା ଓ ସଂଚୟ କରିବା ପାଇଁ ସହପାଠୀମାନଙ୍କୁ ପ୍ରବର୍ତ୍ତାଇବା କାର୍ଯ୍ୟ କରନ୍ତି । ଏହି ସଂଚୟ ଯୋଜନା ପୁରାପୁରି ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସଂଚୟିକା ଯୋଜନା ୧୯୭୧ ମସିହାରେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏଭଳି ପ୍ରାୟ ଦୁଇ ହଜାର ସଂଚୟିକା ଖୋଲା ଯାଇଛି । ପ୍ରାୟ ତିନି ଲକ୍ଷରୁ ଅଧିକ ଛାତ୍ର ଜମା ହିସାବ ଖୋଲିଛନ୍ତି ଏବଂ ଏହାର ମୋଟ ଜମା ପରିମାଣ ୨୩ ଲକ୍ଷ ଟଙ୍କା ହେବ । ମଧ୍ୟ ପ୍ରଦେଶରେ ଛାତ୍ରମାନେ ସର୍ବୋଚ୍ଚ ୩୨୮ଟି ସଂଚୟିକା ଖୋଲି ଅନ୍ୟାନ୍ୟ ରାଜ୍ୟ ତୁଳନାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ଡାକଘର ସଂଚୟ ବ୍ୟାଙ୍କ୍, ପବ୍ଲିକ ପ୍ରୋଭିଡେଣ୍ଟ୍ ଫଣ୍ଡ ଆକାଉଣ୍ଟ୍, ଜାତୀୟ ସଂଚୟ ସାର୍ଟିଫିକେଟ, ରେକରିଂ ଡିପୋଜିଟ ଓ କ୍ୟୁମୁଲେଟିଭ୍ ଟାଇମ ଡିପୋଜିଟ ଆଦି ଯୋଜନାରେ ଅର୍ଥ ଜମା କରା ଯାଇ ପାରିବ । ସ୍ୱଳ୍ପ ସଂଚୟ ସାର୍ଟିଫିକେଟ ଓ ଡିପୋଜିଟ ଅଧୀନରେ ପାଞ୍ଚ ବର୍ଷିଆ ରେକରିଂ ଡିପୋଜିଟ, ଦଶ ବର୍ଷିଆ କ୍ୟୁମୁଲେଟିଭ ଟାଇମ ଡିପୋଜିଟ ଓ ଦଶ ବର୍ଷିଆ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ—ଏହିଭଳି ତିନୋଟି ଯୋଜନା କାର୍ଯ୍ୟକାରୀ ହେଉଛି । ୧୯୭୩ ଅଗଷ୍ଟ ପହିଲଠାରୁ ଶତକଡ଼ା ସାତ ସୁଧ ହାରରେ ଏକ ଦୁଇ ବର୍ଷିଆ ପୋଷ୍ଟ ଅଫିସ ଟାଇମ ଡିପୋଜିଟ ପରିକଳ୍ପନା କାର୍ଯ୍ୟକାରୀ ହୋଇଛି । ଆହୁରି ମଧ୍ୟ ଶତକଡ଼ା ସାଢ଼େ ସାତ ହାରରେ ଏକ ସାତ ବର୍ଷିଆ ଜାତୀୟ ସଂଚୟ ସାର୍ଟିଫିକେଟ ଅକ୍ଟୋବର ପହିଲରୁ ପ୍ରଚଳିତ ହେବ । ଏହି ଯୋଜନାରେ ଜଣେ ଯେବେ ୧୦୦ ଟଙ୍କା ଜମା କଲେ ସେ ସାତ ବର୍ଷ ପରେ ୧୬୬ ଟଙ୍କା ପାଇ ପାରିବ ।

ସରକାରୀ ଓ ବେସରକାରୀ ଶିଳ୍ପ କାରଖାନାରେ କାମ କରୁଥିବା ଶ୍ରମିକ ତଥା କର୍ମଚାରୀଙ୍କ ପାଇଁ ଦରମା ସଂଚୟ ଯୋଜନା ଗତ ୧୩ ବର୍ଷ ହେଲା କାର୍ଯ୍ୟକାରୀ ହେଉଛି । ସରକାରୀ କ୍ଷେତ୍ରରେ ଭିଲାଇ ଇସ୍ପାତ କାରଖାନାର ମୋଟ ୪୦ ହଜାର କର୍ମଚାରୀ ଏହି ଯୋଜନାରେ ଅର୍ଥ ଜମା କରି ସର୍ବୋଚ୍ଚସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବେସରକାରୀ କ୍ଷେତ୍ରରେ ଜାମସେଦପୁରସ୍ଥିତ ଟିସ୍କୋ କାରଖାନାରେ ୨୬,୦୦୦ କର୍ମଚାରୀ ଦରମା ସଂଚୟ ଯୋଜନାରେ ଟଙ୍କା ଜମା କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

୧୯୭୨ ମସିହା ଜୁଲାଇଠାରୁ ରେକରିଂ ଡିପୋଜିଟ ଆକାଉଣ୍ଟକୁ ଆହୁରି ଅଧିକ ଆକର୍ଷଣୀୟ କରାଯାଇଛି । ପାଞ୍ଚ କିମ୍ବା ଦଶ ବର୍ଷିଆ ଜମା ହିସାବରେ ଜଣେ ଲୋକ ୨୪ ମାସ ଜମା କରିଥିଲେ ଏବଂ ସେଥିରୁ କୌଣସି ଟଙ୍କା ବାହାର କରିନଥିବା ଅବସ୍ଥାରେ ମୃତ୍ୟୁ ଲଭିଲେ ତାଙ୍କ ଉତ୍ତରାଧିକାରୀ ପାଞ୍ଚ ବର୍ଷ ବା ୬୦ ମାସରେ ଯେତିକି ଜମା ହୋଇଥାନ୍ତା ସେତିକି ଟଙ୍କା ପାଇ ପାରିବେ ।

ଦେଶର ଉନ୍ନୟନମୂଳକ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇ ଦେବା ସହି ଆମକୁ ଅଧିକ ପରିମାଣରେ ସଂଚୟ କରିବାକୁ ହେବ । ଆଗାମୀ ବର୍ଷମାନଙ୍କରେ ପରିକଳ୍ପିତ ଯୋଜନାଗୁଡ଼ିକର ସଫଳତା ଆମର ସଂଚୟ ଦକ୍ଷତା ଉପରେ ଅନେକାଂଶରେ ନିର୍ଭର କରେ । ଏହି ଗୁରୁ ଦାୟିତ୍ୱ ତୁଲାଇବା ପାଇଁ ପ୍ରତ୍ୟେକ ନାଗରିକ ସଂକଳ୍ପବଦ୍ଧହେବା ଆବଶ୍ୟକ ।

---

## ୧୯୭୩ ପାଇଁ ଖରିଫ୍ କାର୍ଯ୍ୟକ୍ରମ

୧୯୭୩-୭୪ ମସିହାରେ ଦେଶରେ ୧୧ କୋଟି ୫୦ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ନିମନ୍ତେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ତନ୍ମଧ୍ୟରେ ଖରିଫ୍ ଋତୁରେ ୬ କୋଟି ୭୦ ଲକ୍ଷଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରାଯିବାର ପ୍ରସ୍ତାବ ଅଛି ।

ଏହି ଲକ୍ଷ୍ୟ ହାସଲ ପାଇଁ ଯେଉଁସବୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି, ସେଗୁଡ଼ିକ ହେଲା:—

(୧) ଖାଦ୍ୟଶସ୍ୟ ଉତ୍ପାଦିତ ହେଉଥିବା ଜମି ପରିମାଣ ୧୨୩ ନିୟୁତ ୩୫ ଲକ୍ଷ ହେକ୍ଟରରୁ ୧୨୬ ନିୟୁତ ୨୫ ଲକ୍ଷ ହେକ୍ଟର୍‌କୁ ବୃଦ୍ଧି କରାଯିବ ।

(୨) ୨୫ ନିୟୁତ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଶସ୍ୟ ଚାଷ କରାଯିବା ସଂଗେ ସଂଗେ ଏହି ଅଞ୍ଚଳରେ ସାର ତଥା ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଠିକ୍ ସମୟରେ ଯୋଗାଇ ଦିଆଯାଇ ସୁଷମ ସାର ପ୍ରୟୋଗ ଓ କୀଟନାଶକ ବ୍ୟବସ୍ଥା ଗ୍ରହଣ କରାଯିବ ।

(୩) କୌଣସି ନିର୍ଦ୍ଦିଷ୍ଟ ଅଂଚଳର ଜଳବାୟୁ ସାଧାରଣତଃ ସେହି ଅଞ୍ଚଳର ବିହନ ପ୍ରତି ବିଶେଷ ଉପଯୋଗୀ ହୋଇ ଥିବାରୁ ସ୍ଥାନୀୟ ବିହନର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି । ଏହା ବ୍ୟତୀତ କୃଷକମାନଙ୍କୁ କୃଷି ସଂପ୍ରସାରଣ ସଂକ୍ରାନ୍ତରେ ଅଧିକ ତଥ୍ୟ ଯୋଗାଇ ଦେବାପାଇଁ ରାଜ୍ୟର ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକ ସକ୍ରିୟ କରାଯାଉଛି । ଏଥିପାଇଁ କୃଷି ବିଶ୍ୱବିଦ୍ୟାଳୟର ଛାତ୍ର ତଥା ଯୁବସଂଗଠନର ସଭ୍ୟମାନଙ୍କୁ ନିୟୋଜିତ କରାଯିବାର ମଧ୍ୟ ଯୋଜନା ରହିଛି ।

(୪) ବୃହତ୍ ଏବଂ ମଧ୍ୟମଧରଣର ଜଳସେଚନ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯିବ ।

(୫) ସ୍ୱଳ୍ପ ମିଆଦୀ କୃଷି ଋଣ ଦେବାଲାଗି ରାଜ୍ୟମାନଙ୍କୁ ୩୦ କୋଟି ଟଙ୍କା ଦିଆଯିବାର ବ୍ୟବସ୍ଥା କରାଯାଉଛି । ମରୁଡ଼ିଗ୍ରସ୍ତ ଅଂଚଳରେ ବିହନ ଯୋଗାଇ ଦେବା ଦିଗରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ।

# ଦେଶର ଜରୁରିକାଳୀନ ପରିସ୍ଥିତିରେ ସ୍ୱଳ୍ପସଂଚୟର ଭୂମିକା

**ଶ୍ରୀ ହରିହର ସାହୁ**

ଖଲ୍ଲିକୋଟ କଲେଜ, ବ୍ରହ୍ମପୁର

ଭାରତର ସାଂସ୍କୃତିକ ପରମ୍ପରା ଯେପରି ଅତି ମହାନ୍ ଓ ସୁପ୍ରତିଷ୍ଠିତ ତାହାର ଅର୍ଥନୈତିକ ସ୍ଥିତି ସେପରି ସୁଦୃଢ଼ ନୁହେଁ । ଜାତୀୟ ପ୍ରଗତିର ଅତୀତ ଇତିହାସ ପ୍ରତି ଦୃଷ୍ଟି ଦେଲେ ଏହା ସହଜରେ ପ୍ରତିପାଦିତ ହେବ । ଅଭାବବୋଧରେହିଁ ପ୍ରଗତିର ତୀବ୍ରତା ନିହିତ । ଏଣୁ ଭାରତ ଯେ ଆଜି ତାର ଅର୍ଥନୀତିକୁ ପୁନର୍ଗଠନ କରିବା ପାଇଁ ସଂକଳ୍ପବଦ୍ଧ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ 'ଗରିବୀ ହଟାଓ' ଧ୍ୱନିକୁ କାର୍ଯ୍ୟରେ ରୂପାନ୍ତରିତ କରିବାକୁ ଅଗ୍ରସର ହେଲାବେଳେ ଅପ୍ରତ୍ୟାଶିତ ଭାବରେ ବଙ୍ଗଳା ଦେଶରୁ କୋଟିଏରୁ ଅଧିକ ଆଶ୍ରୟପ୍ରାର୍ଥୀ ଆସି ଆମ ଦେଶ ଆଗରେ ଏକ

ସମସ୍ୟା ରୂପେ ଦେଖାଦେଲେ । ପୁଣି ବୋର୍ଡ଼ ଉପରେ ଲଳିତା ବିଡ଼ା ପରି ପାକିସ୍ତାନର ନଗ୍ନ ଓ ବର୍ବରୋଚିତ ଆକ୍ରମଣ ଆସନ୍ନ ହୋଇ ଆସିଲା । ବିପଦାପନ୍ନ ଭାରତର ସଙ୍କଟମୟ ମୁହୂର୍ତ୍ତରେ ସୁବିଧାବାଦୀ ବନ୍ଧୁ ରାଷ୍ଟ୍ରମାନଙ୍କ ମଧ୍ୟରୁ ଅନେକେ ଆର୍ଥିକ ସାହାଯ୍ୟ ବନ୍ଦ କରିଦେଲେ । ଏ ସଙ୍କଟକାଳର ଭୟାବହତା ଜାତୀୟଚେତନାସମ୍ପନ୍ନ ଯେ କୌଣସି ନାଗରିକ ସହଜରେ ଉପଲବ୍ଧି କରିପାରିବେ । ଅବଶ୍ୟ ଏପରି ଦୁର୍ଦ୍ଦିନ ଭାରତ ଭୂମିରେ ନୂଆ ନୁହେଁ । ୧୯୬୨ ମସିହାରେ ମଧ୍ୟ ଭାରତକୁ ଏହାଠାରୁ ଅଧିକ ସଙ୍କଟଜନକ ଓ କଷ୍ଟସାଧ୍ୟ ଅବସ୍ଥାର ମୁକାବିଲା କରିବାକୁ ହୋଇଥିଲା ।

ଏଭଳି ସଙ୍କଟ ସତ୍ତ୍ୱେ ଜାତୀୟ ପ୍ରଗତିକୁ ଅପ୍ରତିହତ ରଖିବା ଅନ୍ୟ ଏକ ବିରାଟ ସମସ୍ୟା । ପ୍ରତିରକ୍ଷା ବାବଦରେ ଅପରିସୀମ ଖର୍ଚ୍ଚ ତୁଲାଇବା ସଙ୍ଗେ ସଙ୍ଗେ ଅର୍ଥନୈତିକ ପ୍ରଗତି ହାସଲ କରିବା ସହଜସାଧ୍ୟ ବ୍ୟାପାର ନୁହେଁ । ଯୁଦ୍ଧ କାଳରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ ସାଙ୍ଗକୁ ବିଦେଶରୁ ଯୁଦ୍ଧ ସରଞ୍ଜାମ ତଥା ଅନ୍ୟାନ୍ୟ ଅତ୍ୟାବଶ୍ୟକ ଯୁଦ୍ଧୋପକରଣ ଆମଦାନୀର ଆବଶ୍ୟକତା ନିକଟରେ ଅର୍ଥନୈତିକ ଅଭିବୃଦ୍ଧି ନିସ୍ତବ୍ଧ ହୋଇପଡ଼ିବା ସ୍ୱାଭାବିକ । ତେଣୁ ଜାତିର ନୈତିକ ମାନଦଣ୍ଡକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ଆର୍ଥିକ ସ୍ୱାବଲମ୍ବନଶୀଳତା ଓ ପ୍ରଗତି ହାସଲ କରିବା ଯେ କୌଣସି ସ୍ୱାଧୀନ ଓ ଆତ୍ମଶକ୍ତିସଚେତନ ରାଷ୍ଟ୍ର ପକ୍ଷରେ ଏକାନ୍ତ ଆବଶ୍ୟକ ।

ଏ ପର୍ଯ୍ୟନ୍ତ ସ୍ୱଳ୍ପ ସଂଚୟର ଲକ୍ଷ୍ୟ କେବଳ ଦେଶର ଅର୍ଥନୈତିକ ପ୍ରଗତି ହାସଲ ପ୍ରତି ଉଦ୍ଦିଷ୍ଟ ଥିଲା । ତଥାପି ସ୍ୱଳ୍ପ ସଂଚୟ ଯୋଜନାର ଉପକାରିତା ଓ ଆବଶ୍ୟକତା ପ୍ରତ୍ୟେକ ନାଗରିକ ଯେପରି ଭାବରେ ଉପଲବ୍ଧି କରିବା କଥା ତାହା ଏ ପର୍ଯ୍ୟନ୍ତ ହୋଇ ପାରି ନାହିଁ । ଆଶାନୁରୂପ ଅଗ୍ରଗତି ନ ହୋଇଥିଲେ ମଧ୍ୟ ଏ କ୍ଷେତ୍ରରେ ଯାହାକିଛି ସଫଳତା ହାସଲ କରାଯାଇଛି ତାହା କୌଣସି ମତେ ନ୍ୟୁନ ନୁହେଁ । ଦିନୁ ଦିନ ଏହି ଯୋଜନା ପ୍ରତି ଦେଶବାସୀ ଆକୃଷ୍ଟ ହେଉଥିବା ବାସ୍ତବିକ୍ ପରିତୋଷର ବିଷୟ ।

ତେବେ ପ୍ରତିରକ୍ଷା ତଥା ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବନଶୀଳ କରିବାକୁ ହେଲେ ପ୍ରଚୁର ଅର୍ଥବଳର ଆବଶ୍ୟକତା ରହିଛି ଏବଂ ସେ ଦୃଷ୍ଟିରୁ ସରକାର ଓ ଜନସାଧାରଣ ସ୍ୱଳ୍ପସଂଚୟ ଯୋଜନାକୁ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିରେ ଦେଖିବା ଉଚିତ । ପ୍ରତିରକ୍ଷା ଖର୍ଚ୍ଚର ସମ୍ମୁଖୀନ ହେବାପାଇଁ ଆଭ୍ୟନ୍ତରୀଣ ସମ୍ବଳ ଉପରେ ନିର୍ଭର କରିବା ଦେଶର ସର୍ବ ପ୍ରଥମ କର୍ତ୍ତବ୍ୟ । ଏହା ମଧ୍ୟ ନିରାପଦ । ଏଣୁ ଦେଶର ପ୍ରତ୍ୟେକ ଉନ୍ନତିକାମୀ ନାଗରିକଙ୍କ ପକ୍ଷେ ସ୍ୱଳ୍ପ ସଂଚୟ ଯୋଜନାରେ ଭାଗନେବା ଏକ ପବିତ୍ର କର୍ତ୍ତବ୍ୟ ।

ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ପାଇଁ ଭାରତକୁ କେତେକ କ୍ଷେତ୍ରରେ ପରିବର୍ତ୍ତନର ବ୍ୟବସ୍ଥା କରିବାକୁ ପଡ଼ିବ । ପ୍ରତିରକ୍ଷା ବ୍ୟବସ୍ଥାର ଆଧୁନିକରଣ, ସ୍ୱାବଲମ୍ବନ ସହିତ ଶିକ୍ଷାନୀତି, ବୈଦେଶିକନୀତି, ଅର୍ଥନୀତି ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ । ଏସବୁ କାର୍ଯ୍ୟ ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ସ୍ୱୀକାର୍ଯ୍ୟ । ଏହି ଆବଶ୍ୟକତାକୁ ଆଖିଆଗରେ ରଖି ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ସମୀକ୍ଷା କରିବା ଏ ସ୍ଥଳରେ ଅଧିକ ଯୁକ୍ତିଯୁକ୍ତ ମନେ ହୁଏ ।

ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ନିମନ୍ତେ ନିର୍ଦ୍ଧାର୍ଯ୍ୟ ଅର୍ଥକୁ ଦେଖି କେତେକ ସମାଲୋଚକ ଏହାକୁ ଏକ ଦୁଃସାହସିକ ପଦକ୍ଷେପ ବୋଲି ମନ୍ତବ୍ୟ ଦେଇଥିଲେ । କିନ୍ତୁ ଦେଶର ବ୍ୟାପକ ଅର୍ଥନୈତିକ ପୁନର୍ଗଠନ ଦିଗରେ ଏହା ଯେ ଅଧିକ

ପ୍ରତିଶ୍ରୁତ ଥିଲା, ଏହା ନିଃସନ୍ଦେହ । ସାମ୍ୟ, ମୈତ୍ରୀ ଓ ସାମାଜିକ ନ୍ୟାୟକୁ ଆଖିଆଗରେ ରଖି ଆମ ସରକାର ଏହି ଯୋଜନାର ପୁନର୍ବିଚାର କରିଛନ୍ତି । ପକ୍ଷାନ୍ତରରେ ଯୁଦ୍ଧକାଳୀନ ପରିସ୍ଥିତି ମଧ୍ୟରେ ଭାରତ ତାର ଆତ୍ମଶକ୍ତି ପରୀକ୍ଷାର ସମ୍ମୁଖୀନ ହେବା ବେଳେ କେତେକ ସାମ୍ରାଜ୍ୟବାଦୀ ଶକ୍ତି ଭାରତକୁ ସେମାନଙ୍କର ସାମରିକ ଓ ଯୋଜନା ସମ୍ପର୍କିତ ସାହାଯ୍ୟକୁ ଏକ ସଙ୍ଗରେ ବନ୍ଦ କରି ଦେଇଥିଲେ । ଏହା ଦେଶ ପକ୍ଷରେ ଏକ ନୂତନ ସମସ୍ୟା ସୃଷ୍ଟିକରିଥିଲା ।

କେତେକ ବିଦେଶୀ ଶକ୍ତିର ଏତାଦୃଶ ସ୍ୱାର୍ଥପର ଓ ଉଦ୍ଦେଶ୍ୟମୂଳକ ମନୋବୃତ୍ତିକୁ ସମୀକ୍ଷାକରି ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଯଥାର୍ଥରେ କହିଛନ୍ତି ଯେ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେଲେଯାଇ ପ୍ରକୃତ ପ୍ରଗତି ସମ୍ଭବ ହେବ । ଭାରତକୁ ତାର ନିଜ ଗୋଡ଼ରେ ଛିଡ଼ାହୋଇ ପ୍ରତ୍ୟେକ ସମସ୍ୟାର ସମାଧାନ କରିବାକୁ ପଡ଼ିବ । ସେ ଭାରତର ଜନତାକୁ ସର୍ବଦା ସଜାଗ ଓ ସକ୍ରିୟ ରହିବା ନିମନ୍ତେ ଆହ୍ୱାନ ଦେଇଛନ୍ତି । ସଂଯମ ଓ ତ୍ୟାଗ ସହକାରେ ଦେଶର ସ୍ୱାଧୀନତାକୁ ସୁରକ୍ଷିତ କରିବାକୁ ହେବ । ଶ୍ରୀ ଅରବିନ୍ଦ କହିଛନ୍ତି, 'ଭାରତକୁ ବଞ୍ଚିବାକୁ ହେଲେ ତା'ର ଆତ୍ମଶକ୍ତିକୁ ଉଜ୍ଜୀବିତ କରିବାକୁ ହେବ ।'

ଯଥାର୍ଥରେ ସର୍ବଦା ସକ୍ରିୟ ଓ ସଜାଗ ରହିବା ମୂଳରେହିଁ ସ୍ୱାଧୀନତାର ମୂଲ୍ୟ ନିହିତ । ଭାରତର ବୈଦେଶିକ ସାହାଯ୍ୟର ପରିମାଣ ହ୍ରାସ ପାଇବା ଯୋଗୁଁ ବିବ୍ରତ ହେବାର କାରଣ କିଛି ନାହିଁ । ଏହାଦ୍ୱାରା ଆମର ଯୋଜନାର ଅଗ୍ରଗତି କେବେହେଲେ ବ୍ୟାହତ ହେବ ନାହିଁ । ଅଧିକନ୍ତୁ ଆତ୍ମଶକ୍ତିର ପୁନର୍ଜୀବନରେ ଭାରତୀୟମାନଙ୍କୁ ଏକ ପ୍ରେରଣା ମିଳିଲା ବୋଲି ଭାବିବାକୁ ହେବ । ଦେଶର ସ୍ୱାଭିମାନକୁ ପ୍ରତିଷ୍ଠା କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ କର୍ମପଥରେ ଅଭିନିବିଷ୍ଟ ହେବା ସର୍ବାଦୌ ଯୁକ୍ତିଯୁକ୍ତ । ତାହାହେଲେ ବୈଦେଶିକ ସାହାଯ୍ୟ ବନ୍ଦ ଯୋଗୁଁ ଯୋଜନାର ଯେଉଁ ଶତକଡ଼ା ୦ଭାଗ ଭରଣା କରିବାକୁ ପଡ଼ିବ ତାହା ସହଜରେ ହୋଇ ପାରିବ ।

ପୁଣି ବୈଦେଶିକ ସାହାଯ୍ୟ ପରି ବୈଦେଶିକ ଋଣ ମଧ୍ୟ ସର୍ବଦା ବିଶ୍ୱାସଯୋଗ୍ୟ ନୁହେଁ । ଜନତା ପାଇଁ ଉଦ୍ଦିଷ୍ଟ ଯୋଜନା ନିମନ୍ତେ ଜନତାଠାରୁ ହିଁ ସମ୍ବଳ ସଂଗ୍ରହ ବାଞ୍ଛନୀୟ । ଅବଶ୍ୟ ଏ ଦିଗରେ କରଦାତାଙ୍କର ଗୁରୁ ଦାୟିତ୍ୱ ରହିଛି । ତଥାପି ଯୋଜନାର ସମସ୍ତ ଖର୍ଚ୍ଚର ଭରଣା କରଟିକସରୁ କରିବା ସମ୍ଭବ ନୁହେଁ, କିମ୍ବା ସ୍ପୃହଣୀୟ ବି ନୁହେଁ । କର ବୃଦ୍ଧି ଯୋଗୁ ମୂଲ୍ୟବୃଦ୍ଧି ଇତ୍ୟାଦି ଅନେକ ଆନୁଷଙ୍ଗିକ ଉପସର୍ଗ ଦେଖାଦେଇ ନୂତନ ସମସ୍ୟା ସୃଷ୍ଟି କରି ପାରେ ।

ଯଥାର୍ଥରେ ଶ୍ରୀମତୀ ଇନ୍ଦିରାଗାନ୍ଧୀ କହିଛନ୍ତି ଯେ ସଞ୍ଚୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଓ ବ୍ୟାପକ କରି ସମ୍ବଳ ସଂଗ୍ରହ କରିବାହିଁ ଯୋଜନା କମିଶନର ଅନ୍ୟତମ କର୍ତ୍ତବ୍ୟ ।

ଗଣତାନ୍ତ୍ରିକ ଦେଶର ସଫଳତା ନିର୍ଭର କରେ ଦେଶର ଜନତା ଉପରେ । ଜନତା ନିଜର ଦାୟିତ୍ୱ ଯେପରି ଭାବରେ ତୁଲାଇବେ, ଦେଶର ଅଗ୍ରଗତି ସେହି ପରିମାଣରେ ସମ୍ଭବ ହେବ । ସଞ୍ଚୟ କରିବା ମଣିଷର ଅନ୍ୟତମ ପ୍ରବୃତ୍ତି । ବୁଦ୍ଧିମାନ ମଣିଷ ଭବିଷ୍ୟତର ଅନିଶ୍ଚିତତାକୁ ଲକ୍ଷ୍ୟ ରଖି ସଞ୍ଚୟ କରିଥାଏ । ତେଣୁ ସଞ୍ଚୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଓ ଜନପ୍ରିୟ କରାଇବା ନିମନ୍ତେ ପଦକ୍ଷେପ ନେବା ସର୍ବାଦୌ କର୍ତ୍ତବ୍ୟ ।

ସଞ୍ଚୟ ଏକ ପକ୍ଷରେ ସଞ୍ଚୟ କରୁଥିବା ବ୍ୟକ୍ତିକୁ ବାଧିବନି ଅଥଚ ତାର ସଂଚିତ ଧନ ଦେଶ ଗଠନ କାର୍ଯ୍ୟକ୍ରମରେ ନିୟୋଜିତ ହେବ—ଏହାହିଁ ସ୍ୱଳ୍ପ ସଞ୍ଚୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହା ସଞ୍ଚୟକାରୀ ମନରେ ଏକ ନୈତିକ ବଳ

ସଞ୍ଚାର କରେ । ବର୍ତ୍ତମାନର ବୈଷୟିକ ଯୁଗରେ ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ଦୃଷ୍ଟିରୁ ସ୍ୱଳ୍ପ ସଞ୍ଚୟ ସମସ୍ତଙ୍କ ପକ୍ଷେ ଅପରିହାର୍ଯ୍ୟ ହୋଇ ଉଠିଛି ।

ଯଦିଓ ଯୁଦ୍ଧର ବିଭୀଷିକାକୁ ପ୍ରତ୍ୟକ୍ଷଭାବରେ ଅନୁଭବ କରିବା ପ୍ରତ୍ୟେକ ଭାରତୀୟଙ୍କ ପକ୍ଷେ ସମ୍ଭବ ନୁହେଁ, ତଥାପି ଯୁଦ୍ଧ କ୍ଷୁବ୍ଧ ଭାରତ ଉପରେ ତାର ପ୍ରଭାବ ଅପରିସୀମ । ଯୁଦ୍ଧ କାଳରେ କେତେ ଯେ ରେଳଗାଡ଼ି ଲାଇନ୍‌ଚ୍ୟୁତ ହୋଇଛି, ଟ୍ରେନ୍ ଭାଙ୍ଗିଛି, ଟ୍ୟାଙ୍କ ଅଚଳ ହୋଇଛି, ଜେଟ୍ ପ୍ଲେନ୍ ଧ୍ୱଂସ ହୋଇଛି ଓ ଅନ୍ୟାନ୍ୟ ସାମରିକ ଓ ବେସାମରିକ ଶିବିର କ୍ଷୟକ୍ଷତି ହୋଇଛି ତାହା କଳନା କରିବା ସହଜ ନୁହେଁ । ତେବେ ଏହି ସମସ୍ତ କ୍ଷୟକ୍ଷତି ପୂରଣ କରିବା ନିମନ୍ତେ ଯେଉଁ ଭଳି ପ୍ରଚୁର ପରିମାଣରେ ଅର୍ଥ ଆବଶ୍ୟକ ତହିଁର ଏକ ବିଶେଷ ଭାଗ ଏହି ସ୍ୱଳ୍ପ ସଞ୍ଚୟ ଯୋଜନାରୁ ସଂଗୃହୀତ ହୋଇ ପାରିବ ।

ଆର୍ଥିକ କ୍ଷେତ୍ରରେ ସ୍ୱୟଂସଂପୂର୍ଣ୍ଣତା ହାସଲ ଭାରତର ଅଦ୍ୟାପି ଏକ ସାଧନାର ବିଷୟ ହୋଇ ରହିଛି । ତେଣୁ ଜନତାର ସଞ୍ଚୟଶୀଳ ପ୍ରବୃତ୍ତିର ସୁଯୋଗ ନେବାରେ ଦେଶ ପକ୍ଷରୁ ହେଳା କରିବା ଆଦୌ ସ୍ପୃହଣୀୟ ନୁହେଁ । ଦେଶର ପ୍ରଗତିରେ ଏହି ସଞ୍ଚୟ ପୁଞ୍ଜି ନିଶ୍ଚୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି । ପ୍ରାଚୀନ ଓ ମହାନ୍ ଭାରତପରି ଏକ ବଳିଷ୍ଠ ଭାରତ ସୃଷ୍ଟି ହେବ କେବଳ ତାର ସନ୍ତାନମାନଙ୍କର ସାଧନା, ସଂଯମ, ନିଷ୍ଠା ଓ ନୈପୁଣ୍ୟ ବଳରେ ।

— . —

## କୁସୁନପୁର ଜଳସେଚନ ଯୋଜନା

ଅଗଷ୍ଟ ୧୨ ତାରିଖ । ଟାଙ୍ଗୀ-ଚଉଦ୍ୱାର ବ୍ଲକର ୧୦ଟି ଗାଁ ପକ୍ଷେ ବାସ୍ତବିକ୍ ଏହା ଏକ ସ୍ମରଣୀୟ ଦିବସ । ଦୀର୍ଘଦିନ ଧରି ଗ୍ରାମବାସୀମାନେ ଯେଉଁ ଉଦ୍ୟମ ଚଳେଇଥିଲେ, ଶେଷରେ ତାହା ଫଳବତୀ ହେଲା । ୧୯୭୩ ଅଗଷ୍ଟ ୧୨ ତାରିଖ ଦିନ କୁସୁନପୁର ଜଳସେଚନ ଯୋଜନାର ଭିତ୍ତି ସ୍ଥାପିତ ହେଲା । ଏହି ଯୋଜନାଟି ସଂପୂର୍ଣ୍ଣ ହେଲେ ଖରିଫ୍ ଋତୁରେ ୮୦୦ ହେକଟର ଓ ରବି ଋତୁରେ ୮୦ ହେକ୍ଟର ଜମିରେ ଜଳସେଚନ ହୋଇପାରିବ ଏବଂ ଏହାଦ୍ୱାରା ବୀରଚିନ୍ତାମଣିପୁର, ସଫା, ପଟଳ, ସୁଇଗଡ଼, କଙ୍ଗିଆ, ଗୁରୁଡ଼ାଗାଁ, କରଞ୍ଜି, ନୂଆପାଟନା, ସପନପୁର ଆଦି ୧୦ ଟି ଗାଁର ଗ୍ରାମବାସୀମାନେ ଉପକୃତ ହୋଇ ପାରିବେ ।

୩୦ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଯାଉଥିବା ଏହି ଯୋଜନାଟିର କାର୍ଯ୍ୟ ୧୯୭୪ ଜୁନ୍ ସୁଦ୍ଧା ଶେଷ ହେବ । ଆଗାମୀ ନଭେମ୍ବର ମାସଠାରୁ ୩,୦୦୦ ରୁ ଉର୍ଦ୍ଧ୍ୱ ଲୋକ ଏହାର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇ ପାରିବେ । ଫଳରେ ସ୍ଥାନୀୟ ବହୁବେକାର ଲୋକଙ୍କର ବି କର୍ମସଂସ୍ଥାନ ହୋଇପାରିବ ।




## ରାଉରକେଲା ନଗରାଞ୍ଚଳ ଓଡ଼ିଶା ନଗର ଯୋଜନା ଓ ଉନ୍ନୟନ ଟ୍ରଷ୍ଟ ଆଇନର ପରିସରଭୁକ୍ତ ହେଲା ।

୧୯୬୧ ଜାନୁଆରୀ ପହିଲାଠାରୁ ରାଉରକେଲା ନଗରାଞ୍ଚଳକୁ ୧୯୫୬ ମସିହାର ଓଡ଼ିଶା ନଗର ଯୋଜନା ଏବଂ ଉନ୍ନୟନ ଟ୍ରଷ୍ଟ ଆଇନର ପରିସରଭୁକ୍ତ କରାଯାଇଛି । ସହର ମଧ୍ୟରେ ବିକ୍ଷିପ୍ତଭାବେ ତଥା ଇତସ୍ତତଃ ଗଢ଼ି ଉଠୁଥିବା ବସତିଗୁଡ଼ିକୁ ଯୋଡ଼ିବା ସଂଗେ ସଂଗେ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସଂପୃକ୍ତ ଅଂଚଳ ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇ ତାହା ଚୂଡ଼ାନ୍ତ କରାଯାଇଥିଲା । ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଗଠିତ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ମାଷ୍ଟର ପ୍ଲାନ୍‌ର ପରିସର ମଧ୍ୟରେ ସଂପ୍ରତି ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । କିନ୍ତୁ ଏହି ବୈଧାନିକ କର୍ତ୍ତୃପକ୍ଷଙ୍କର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ହୋଇନଥିବା ଦୃଷ୍ଟିରୁ ସେମାନେ ସୁଷ୍ଠୁରୂପେ କାର୍ଯ୍ୟ ସଂପାଦନ କରିପାରୁ ନାହାନ୍ତି ।

ଏହାର ଆର୍ଥିକ ଦୁରାବସ୍ଥାକୁ ବିଚାରକୁ ନେଇ ବିଭିନ୍ନ ଅର୍ଥ ଯୋଗାଣକାରୀ ଅନୁଷ୍ଠାନଗୁଡ଼ିକରୁ ଋଣ ଗ୍ରହଣ କରିବା, ବର୍ଦ୍ଧିତ ମୁଦ୍ରାଙ୍କ ଶୁଳ୍କ (ଷ୍ଟାଂପ୍ ଡିଉଟି)ରୁ ଭାଗ ପାଇବା ଓ ରାଉରକେଲା ବିଜ୍ଞାପିତ ଅଂଚଳ ପରିଷଦରୁ ମ୍ୟୁନିସିପାଲିଟି ଆକାରରେ ଅର୍ଥ ସଂଗ୍ରହ କରିବା ନିମନ୍ତେ ରାଜ୍ୟ ସରକାର ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ କ୍ଷମତା ଦେବା ପାଇଁ ନିଷ୍ପତ୍ତି କରିଛନ୍ତି । ଅର୍ଥ ଯୋଗାଣକାରୀ ସଂସ୍ଥାମାନଙ୍କରୁ ଯେଉଁ ଋଣ ସଂଗ୍ରହ କରାଯିବ ସେଥିପାଇଁ ରାଜ୍ୟ ସରକାର ଜାମିନ ରହିବେ । ଏଥି ସକାଶେ ୧୯୫୬ ମସିହାର ଓଡ଼ିଶା ନଗର ଯୋଜନା ଏବଂ ଉନ୍ନୟନ ଟ୍ରଷ୍ଟ ଆଇନ୍‌ର ୮୦ (୪) (କ) ଧାରା

ଅନୁସାରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ସଂପୃକ୍ତ ଆଇନର ୮୨, ୮୩, ୮୪, ୮୬, ୮୭, ଓ ୮୯ ଧାରାଗୁଡ଼ିକ ମଧ୍ୟ ରାଉରକେଲା ନଗରାଞ୍ଚଳ ପାଇଁ ପ୍ରଯୁଜ୍ୟ ହେବ । ଏହା ଫଳରେ ରାଉରକେଲାସ୍ଥ ସ୍ୱତନ୍ତ୍ର ଉନ୍ନୟନ କର୍ତ୍ତୃପକ୍ଷ ନିଜର ଆର୍ଥିକ ସମ୍ବଳ ବୃଦ୍ଧି କରିବା ସଂଗେ ସଂଗେ ଯେଉଁସବୁ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ସୁଚାରୁ ଭାବେ ସଂପାଦନ କରିବାକୁ ସମର୍ଥ ହୋଇପାରିବେ ।

## ପଞ୍ଚମ ଯୋଜନାରେ ବେକାର ମାଟ୍ରିକ୍ୟୁଲେଟ୍‌ଙ୍କ କର୍ମସଂସ୍ଥାନ

ରାଜ୍ୟରେ ଶିକ୍ଷିତ ବେକାରମାନଙ୍କ କର୍ମସଂସ୍ଥାନ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପରିକଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି । ତଦନୁସାରେ ପଂଚମ ଯୋଜନା କାଳରେ ପ୍ରାଥମିକ ସ୍କୁଲ ଶିକ୍ଷକ ରୂପେ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ୧୯୭୩-୭୪ ମସିହାରେ ୭,୦୦୦ ମାଟ୍ରିକ୍ୟୁଲେଟ୍‌ଙ୍କୁ ତାଲିମ ଦେବା ସକାଶେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ପରିକଳ୍ପନା ପ୍ରସ୍ତୁତ କରିଛନ୍ତି ।

ରାଜ୍ୟ ଶିକ୍ଷା ବିଭାଗ ଜରିଆରେ ଏହି ପରିକଳ୍ପନାଟି କାର୍ଯ୍ୟକାରୀ ହେଉଛି । ତାଲିମ କାଳ ମଧ୍ୟରେ ଶିକ୍ଷାର୍ଥୀମାନଙ୍କୁ ମାସିକ ୧୦୦ ଟଙ୍କା ହିସାବରେ ଶିକ୍ଷାବୃତ୍ତି ଦିଆଯିବ । ପ୍ରାଥମିକ ଶିକ୍ଷକ ରୂପେ ନିଯୁକ୍ତି ପାଇବା ପରେ ସେମାନଙ୍କୁ ୧୦୦ଟଙ୍କାରୁ ୧୫୦ ଟଙ୍କା ହାରରେ ବେତନ ଦିଆଯିବ । ଚାକିରି ପ୍ରାରମ୍ଭରେ ସେମାନେ ଏହି ବେତନ ହାରର ମୂଳ ବେତନ ୧୦୦ ଟଙ୍କା ଏବଂ ୧୦୮ ଟଙ୍କା ମହଙ୍ଗା ଭତ୍ତା ପାଇପାରିବେ ।

ତାଲିମ ନିମନ୍ତେ ପ୍ରାର୍ଥୀ ମନୋନୟନ ସମୟରେ ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ସଂପ୍ରଦାୟ ତଥା ମହିଳା ପ୍ରାର୍ଥୀଙ୍କୁ ବିଶେଷ ସୁବିଧା ଦିଆଯିବ । ମନୋନୟନ ବେଳେ ବିଗତ ବର୍ଷଗୁଡ଼ିକରେ ମାଟ୍ରିକ ପାଶ୍‌କରି ବେକାର ରହିଥିବା ପ୍ରାର୍ଥୀଙ୍କୁ ପ୍ରଥମେ ବିଚାରକୁ ନିଆଯିବ ।

ଏହି ପରିକଳ୍ପନା କାର୍ଯ୍ୟକାରୀ କରାଗଲେ ୭,୦୦୦ ମାଟ୍ରିକ୍ୟୁଲେଟ୍‌ଙ୍କ ଚାକିରିର ସୁବିଧା ହୋଇପାରିବ ।

## ସମବାୟ ଉଦ୍ୟୋଗରେ ସୂତାକଳ

ସୂତା ଯୋଗାଇବା କ୍ଷେତ୍ରରେ ଅନବରତ ଅସୁବିଧା ଉପୁଜୁଥିବାରୁ ତନ୍ତ ଓ ମିଲ୍ ଲୁଗା ଉତ୍ପାଦନ ବିଶେଷ ଭାବେ ବାଧାପ୍ରାପ୍ତହେଉଛି । ତେଣୁ ପଂଚମ ଯୋଜନା ପ୍ରାରମ୍ଭରେ କୋରାପୁଟ ଜିଲ୍ଲାର ରାୟଗଡ଼ାଠାରେ ୨୫,୦୦୦ କଣ୍ଡାବିଶିଷ୍ଟ ଆଉ ଏକ ସମବାୟ ସୂତାକଳ ସ୍ଥାପନ କରିବାର ଆବଶ୍ୟକତା ସଂପର୍କରେ ରାଜ୍ୟପାଳଙ୍କ ଉପଦେଷ୍ଟା ଶ୍ରୀ କେ. ଟି. ସତରାୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ହସ୍ତତନ୍ତ ଓ ରେଶମ ବୋର୍ଡ଼ ବୈଠକରେ ବିଚାର କରାଯାଇଥିଲା । ଚଳିତ ବର୍ଷ ମଧ୍ୟରେ ସୂତା ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ କଟକ ଜିଲ୍ଲାର ଭଗତପୁରଠାରେ ଥିବା ଓଡ଼ିଶା କଟନ୍ ମିଲ୍‌ରେ ତୁରନ୍ତ ଉତ୍ପାଦନ ଆରମ୍ଭ କରିବା ନିମନ୍ତେ ନିଷ୍ପତ୍ତି କରାଯାଇଛି । ସଂପ୍ରତି ସମ୍ବଲପୁର ଜିଲ୍ଲା ବରଗଡ଼ସ୍ଥିତ ସମବାୟ ସୂତାକଳର ସଂପ୍ରସାରଣ କରାଯାଇ ଏହାର ଉତ୍ପାଦନ ସାମର୍ଥ୍ୟ ୧୮,୪୦୦ କଣ୍ଡାକୁ ବୃଦ୍ଧି କରାଯାଉଛି ।



ରାଜ୍ୟପାଳ ଶ୍ରୀ ବି. ଡି. ଜାଟି ଭୁବନେଶ୍ୱରଠାରେ ଗତ ସ୍ୱାଧୀନତା ଦିବସରେ ଜଣେ ଭୂମିହୀନ ହରିଜନ ବ୍ୟକ୍ତିଙ୍କୁ ଜମି ପଟ୍ଟା ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ରାଜ୍ୟପାଳଙ୍କ ଉପଦେଷ୍ଟା ଶ୍ରୀ ସତାରାୱାଲା ସମ୍ବଲପୁରଠାରେ ସ୍ୱାଧୀନତା ଦିବସ ପରେଡ଼ ପରିଦର୍ଶନ କରୁଛନ୍ତି ।





ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନାଲ କମିଶନର ଶ୍ରୀ ପି. ଏସ୍. ହବିବ ମହମ୍ମଦ ବ୍ରହ୍ମପୁରଠାରେ ସ୍ୱାଧୀନତା ଦିବସ ପରେଡ଼ ପରିଦର୍ଶନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ଡି. ପି. ଭଟ୍ଟାଚାର୍ଯ୍ୟ ବାରିପଦାଠାରେ ସ୍ୱାଧୀନତା ଦିବସ ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି ।





ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନାଲ କମିଶନର ଶ୍ରୀ ଏଲ୍. ଆଇ. ପରିଜା ରାଉରକେଲାଠାରେ ସ୍ୱାଧୀନତା ଦିବସ ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

# ଚିତ୍ରେ ସମ୍ବାଦ

କଳାହାଣ୍ଡି ଜିଲ୍ଲାପାଳ ଶ୍ରୀମତୀ ନାରାୟଣ ସ୍ୱାମୀ ସ୍ୱାଧୀନତା ଦିବସ ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି ।





ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଏଫ୍. ଏ. ମୋଜେସ୍ ସ୍ୱାଧୀନତା ଦିବସ ପରେଡ଼ରେ ଯୋଗଦେଇଥିବା ପୋଲିସ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପଥପ୍ରଦର୍ଶକଙ୍କୁ କପ୍ ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଛତ୍ରପୁରଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ପରେଡ଼ରେ ଛତ୍ରପୁର ପଞ୍ଚାୟତ ସମିତିର ପ୍ରଦର୍ଶନ ମେଢ଼ ସର୍ବୋତ୍କୃଷ୍ଟ ବିବେଚିତ ହୋଇଛି ।



…ପାଳଙ୍କ ଉପଦେଷ୍ଟା ଶ୍ରୀ କେ. ବାଳଚନ୍ଦ୍ରନ ୧୯୭୩ ଅଗଷ୍ଟ
… ତାରିଖ ଦିନ ଚନ୍ଦ୍ରଗିରିଠାରେ ଅବସ୍ଥାନ କରୁଥିବା
…ମାନଙ୍କର କାର୍ପେଟ ନିର୍ମାଣ କେନ୍ଦ୍ର ପରିଦର୍ଶନ କରୁଛନ୍ତି ।



## ଚଟକ ସମ୍ବାଦ

ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ଗତ ଅଗଷ୍ଟ ୨୪ ତାରିଖ ଦିନ ଯୋଗାଣ ବିଭାଗ ଓ ରେଳବାଇ ପୋଲିସ କର୍ମଚାରୀମାନଙ୍କ ସହାୟତାରେ ମାଡ୍ରାଜ-ଟାଟାନଗର ଏକ୍ସପ୍ରେସ ଓ ବମ୍ବେ-ହାଵଡ଼ା ଏକ୍ସପ୍ରେସ ଗାଡ଼ିଦ୍ୱୟ ଯୋଗେ ଚାଲାଣ ହୋଇଥିବା ଗହମ, ମଇଦା ଓ ସୁଜି ଜବତ କରିଛନ୍ତି ।





ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସହଦେବ ସାହୁ ଗତ ସ୍ୱାଧୀନତା ଦିବସ ପରେଡରେ ଶ୍ରେଷ୍ଠ ବିବେଚିତ ହୋଇଥିବା ବାଲବାଟୀ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟକୁ ଏକ କପ୍ ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ସୁନ୍ଦରଗଡ଼ ଜିଲ୍ଲାପାଳ ଶ୍ରୀ ଲକ୍ଷ୍ମୀଧର ମିଶ୍ର ସ୍ୱାଧୀନତା ଦିବସରେ ଭୂମିହୀନ ଆଦିବାସୀ ଓ ହରିଜନମାନଙ୍କୁ ଜମି ପଟ୍ଟା ପ୍ରଦାନ କରୁଛନ୍ତି ।



# ଚଠା ଭୋଟର ତାଲିକା ପ୍ରକାଶନ

ରାଜ୍ୟ ବିଧାନ ସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ଚିଠା ଭୋଟର ତାଲିକା ଚଳିତ ମାସ ୭ ତାରିଖଠାରୁ ୧୫ ଦିନ ପର୍ଯ୍ୟନ୍ତ ନିର୍ବାଚନ ରେଜିଷ୍ଟ୍ରେସନ ଅଫିସର (ସବ୍‌ଡ଼ିଭିଜନାଲ ଅଫିସର) ଙ୍କ କାର୍ଯ୍ୟାଳୟରେ ପ୍ରକାଶିତ ହେବ । ଉକ୍ତ ଭୋଟର ତାଲିକାର ସଂପୃକ୍ତ ଭାଗଗୁଡ଼ିକ ତହସିଲଦାର, ବ୍ଲକ୍ ଉନ୍ନୟନ ଅଫିସରଙ୍କ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ ଅଫିସ, ବଡ଼ ବଡ଼ ଗ୍ରାମର କେନ୍ଦ୍ରସ୍ଥଳୀ, ମ୍ୟୁନିସିପାଲିଟି ତଥା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟମାନଙ୍କରେ ମଧ୍ୟ ପ୍ରକାଶିତ ହେବ । ଭାରତର ପ୍ରତ୍ୟେକ ନାଗରିକ, ଯାହାଙ୍କୁ ୧୯୬୩ ଜାନୁଆରୀ ପହିଲା ଦିନ ୨୧ ବର୍ଷ ପୂରିସାରିଥିବ, ତାଙ୍କ ନାମ ଭୋଟର ତାଲିକାରେ ଦରଜ ହୋଇଛି କି ନାହିଁ,ତାହା ଯାଞ୍ଚ କରିନେବା ପାଇଁ ତାଙ୍କୁ ଅନୁରୋଧ କରାଯାଉଛି । ଯଦି ତାଙ୍କ ନାମ ସେଥିରେ ନ ଥାଏ, ତାହାହେଲେ ନାମ ଅନ୍ତର୍ଭୁକ୍ତ କରିବା ସକାଶେ ନିର୍ଦ୍ଧାରିତ ଫର୍ମରେ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସର (ସବ୍‌ଡ଼ିଭିଜନାଲ ଅଫିସର) ଙ୍କ ଠିକଣାରେ ଦରଖାସ୍ତ କରାଯାଇପାରେ । ଏହି ଦରଖାସ୍ତ ନିର୍ବାଚନ ରେଜିଷ୍ଟ୍ରେସନ ଅଫିସର କିମ୍ବା ସହକାରୀ ନିର୍ବାଚନ ରେଜିଷ୍ଟ୍ରେସନ ଅଫିସର ଅଥବା ଏ ସଂପର୍କରେ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସରଙ୍କ ଦ୍ୱାରା ନିଯୁକ୍ତ ଅନ୍ୟ କୌଣସି ଅଫିସର ଯଥା: ତହସିଲଦାର, ଅତିରିକ୍ତ ତହସିଲଦାର, ବ୍ଲକ୍ ଉନ୍ନୟନ ଅଫିସର, ପଞ୍ଚାୟତ ସଂପ୍ରସାରଣ ଅଫିସର, ଲ୍ୟାଣ୍ଡ ଆକ୍ୟୁଜିସନ୍ ଅଫିସର, ବିଜ୍ଞାପିତ ଅଂଚଳ ପରିଷଦର ଏକ୍‌ଜିକ୍ୟୁଟିଭ୍ ଅଫିସର ପ୍ରଭୃତିଙ୍କ ନିକଟରେ ଦାଖଲ କରାଯାଇ ପାରେ ଅଥବା ଡାକ ଯୋଗେ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସରଙ୍କ ନିକଟକୁ ପଠାଯାଇପାରେ ।

ଯଦି କାହାରି ନାମ ଭୁଲରେ ଅଥବା ଅଶୁଦ୍ଧ ଭାବରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥାଏ, ତେବେ ନିର୍ଦ୍ଧାରିତ ଫର୍ମରେ ଆପତ୍ତି ଦରଖାସ୍ତ କରାଯାଇ ପାରିବ । ଏ ସଂପର୍କରେ ଉପରଲିଖିତ କାର୍ଯ୍ୟବିଧି ଅନୁସରଣ କରିବାକୁ ପଡ଼ିବ ।

ଏହି ସ୍ତରରେ ଗୋଟିଏ ମାତ୍ର ଫର୍ମରେ ପ୍ରତ୍ୟେକ ଦାବୀ ଓ ଆପତ୍ତି ଦରଖାସ୍ତ ଦେବାକୁ ପଡ଼ିବ । ଛାପା ଫର୍ମର ନକଲ ସବ୍‌ଡ଼ିଭିଜନାଲ ଅଫିସର (ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସର), ସହକାରୀ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଫିସର ଏବଂ ଏ ସଂପର୍କରେ ନିଯୁକ୍ତ ଅଫିସରମାନଙ୍କର କାର୍ଯ୍ୟାଳୟ ତଥା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟମାନଙ୍କରେ କିଣିବାକୁ ମିଳିବ । ଆଉ ମଧ୍ୟ ସରକାରୀ ଫର୍ମର ଅବିକଳ ନକଲ ହୋଇଥିବା ଟାଇପ୍ କରା, ସାଇକ୍ଲୋଷ୍ଟାଇଲରେ ଓ ହାତଲେଖା ଫର୍ମରେ ଏଭଳି ଦରଖାସ୍ତ ଦିଆଯାଇପାରେ । ଏସବୁ ଦରଖାସ୍ତ ତା ୭।୯।୬୩ ରିଖଠାରୁ ତା ୨୨।୯।୬୩ ରିଖ ମଧ୍ୟରେ ଦିଆଯାଇ ପାରିବ ।

---

# କୁସୁମପୁର କ୍ଷୁଦ୍ର ଜଳସେଚନ ପରିକଳ୍ପନା

ରାଜ୍ୟର ଚିର ମରୁଡ଼ି ବିପନ୍ନ ଅଂଚଳରେ ଜଳସେଚନର ସୁବିଧା ସୁଯୋଗ ଯୋଗାଇଦେବା ନିମନ୍ତେ ସରକାର ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ତଦନୁଯାୟୀ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କୁସୁମପୁରଠାରେ ୨୬·୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କ୍ଷୁଦ୍ର ଜଳସେଚନ ପରିକଳ୍ପନା (ଜଳଭଣ୍ଡାର) ର ନିର୍ମାଣ କରାଯିବ । ଖରିଫ୍ ଋତୁରେ ଦୁଇ ହଜାର ଏକର ଓ ରବି ଋତୁରେ ସାତଶହ ଏକର ଜମିକୁ ଜଳସେଚନ କରି ପାରିବା ଭଳି ଏହି ପରିକଳ୍ପନା ପ୍ରସ୍ତୁତ କରାଯାଇଛି ।

# ଓଡ଼ିଶାରେ ନୂତନ ବସ୍ ଚଳାଚଳ

ଓଡ଼ିଶାର ୧୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ପରିବହନ ସଂସ୍ଥା, ଚଳିତ ଆର୍ଥିକ ବର୍ଷ ମଧ୍ୟରେ ମୋଟ ୨୧·୫୫ ଲକ୍ଷ ଟଙ୍କା ବ୍ୟୟରେ ୨୧ ଗୋଟି ନୂତନ ବସ୍ ଓ ୩ ଗୋଟି ଜିପ୍ କିଣିବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ଏହା ଫଳରେ ଯାତ୍ରୀମାନଙ୍କୁ ଯାତାୟାତ ଦିଗରେ ଅଧିକ ସୁବିଧା ମିଳିବ । ଉକ୍ତ ନୂତନ ବସ୍‌ଗୁଡ଼ିକ କଟକ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର ଏବଂ ବାଲେଶ୍ୱର ଜିଲ୍ଲାମାନଙ୍କରେ ଯାତାୟାତ ହେବ । ନୂଆ ରାସ୍ତାରେ ଏହି ବସ୍‌ଗୁଡ଼ିକ ଚଳାଚଳ ଫଳରେ ରାଜ୍ୟ ପରିବହନ ସଂସ୍ଥାର ବାର୍ଷିକ ୨୪·୧୦ ଲକ୍ଷ ଟଙ୍କା ଆୟ ହେବ ଓ ଏଥିରୁ ନିଟ୍ ୩·୬୧ ଲକ୍ଷ ଟଙ୍କା ଲାଭ ହେବ । ଏହା ବ୍ୟତୀତ ପୁରୁଣା ଏବଂ ଭାଙ୍ଗିରୁଜି ଯାଇଥିବା ବସ୍‌ଗୁଡ଼ିକ ବଦଳରେ ରାଜ୍ୟ ପରିବହନ ସଂସ୍ଥା ପକ୍ଷରୁ ୩୧ ଟି ବସ୍ କିଣା ଯାଉଛି । ଏହି ସଂସ୍ଥା ଅଧୀନରେ ୪୨ ଟି ପୁରୁଣା ତଥା ଭାଙ୍ଗିରୁଜି ଯାଇଥିବା ବସ୍ ସମେତ ମୋଟରେ ୫୩୭ ଟି ବସ୍ ରହିଛି । ମାତ୍ର ବର୍ତ୍ତମାନ ବିଭିନ୍ନ ରାସ୍ତାରେ ୫୦୮ ଟି ବସ୍ ଯାତାୟାତ କରୁଛି ।

ରାଜ୍ୟ ପରିବହନ ସଂସ୍ଥା ବ୍ୟତୀତ ସରକାରୀ ଉଦ୍ୟୋଗରେ ପରିଚାଳିତ ଓଡ଼ିଶା ରୋଡ୍ ଟ୍ରାନ୍ସପୋର୍ଟ କମ୍ପାନୀ ଅବଶିଷ୍ଟ ୩ ଗୋଟି ଜିଲ୍ଲାରେ ବସ୍ ଚଳାଚଳ କରିବା ନିମନ୍ତେ ଏକ କୋଟି ଟଙ୍କା ଋଣ ଆଣି ୮୦ ଲକ୍ଷ ଟଙ୍କା ବ୍ୟୟରେ ୮୦ ଟି ନୂତନ ବସ୍ ଚଳିତ ଆର୍ଥିକ ବର୍ଷ ମଧ୍ୟରେ କିଣିବା ପାଇଁ ପ୍ରସ୍ତାବ ରଖିଛନ୍ତି । ପୁରୁଣା ଏବଂ ଭାଙ୍ଗିରୁଜି ଯାଇଥିବା ୪୦ ଟି ବସ୍ ବଦଳରେ ଏଥି ମଧ୍ୟରୁ ୪୦ ଟି ନୂଆ ବସ୍ ଚଳାଚଳ କରିବ । ନୂତନ ରାସ୍ତା ଓ ବର୍ତ୍ତମାନ ଚଳାଚଳ କରୁଥିବା ରାସ୍ତାଗୁଡ଼ିକରେ ଅଧିକସଂଖ୍ୟକ ବସ୍ ଯୋଗାଇ ଦେବା ନିମନ୍ତେ ଅବଶିଷ୍ଟ ୪୦ ଗୋଟି ବସ୍ ବ୍ୟବହୃତ ହେବ ।

ଓଡ଼ିଶା ରୋଡ୍ ଟ୍ରାନ୍ସପୋର୍ଟ କମ୍ପାନୀର ମୋଟ ବସ୍ ସଂଖ୍ୟା ୨୮୭ ଗୋଟି । ସେଥି ମଧ୍ୟରୁ ୨୨୧ ଟି ବସ୍ ବର୍ତ୍ତମାନ ବିଭିନ୍ନ ରାସ୍ତାରେ ଚଳାଚଳ ହେଉଛି ।

---

# କୃଷିଋଣ ପାଇଁ କେତେକ ସୁବିଧା

କୃଷୀମାନଙ୍କୁ ସୁବିଧାରେ କୃଷିଋଣ ଦେବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବକ୍ରମେ ୟୁନାଇଟେଡ୍ କମର୍ସିଆଲ୍ ବ୍ୟାଙ୍କ କେତେକ ସୁବିଧା ଦେବାକୁ ନିଷ୍ପତ୍ତି କରିଛନ୍ତି ।

କୂପ ଖନନ ପାଇଁ ମଧ୍ୟମ ମିଆଦି ଋଣ ଟ୩୫୦୦ ପର୍ଯ୍ୟନ୍ତ ଓ ସ୍ୱଳ୍ପ ମିଆଦୀ ଶସ୍ୟ ଋଣ ପାଇଁ ସର୍ବୋଚ୍ଚ ଟ୫୦୦୦ ପର୍ଯ୍ୟନ୍ତ ଦେବାପାଇଁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ନିଷ୍ପତ୍ତି କରିଛନ୍ତି । କୃଷକମାନଙ୍କର ଜମିଜମା ସଂକ୍ରାନ୍ତ ଏକ ଶପଥ ପାଠ ଓ ଋଣ ପରିଶୋଧ ପୂର୍ବରୁ ଜମିକୁ କୌଣସି ବ୍ୟକ୍ତି କିମ୍ବା କୌଣସି ଋଣ ପ୍ରଦାନକାରୀ ଅନୁଷ୍ଠାନ ନିକଟରେ ବନ୍ଧକ ନ ଦେବାର ଏକ ଚୁକ୍ତିପତ୍ର ଉପରେ ଏହି ଋଣ ଯୋଗାଇ ଦିଆଯିବ ।

ଅନ୍ୟାନ୍ୟ ବ୍ୟବସାୟୀ ବ୍ୟାଙ୍କମାନେ ଅନୁରୂପ ପଦ୍ଧତି ଅନୁକରଣ କଲେ କୃଷିଋଣ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ହୋଇପାରିବ ।



OGP—MP-II [ Home (P.R.) ]33—5,000—1-11-1973



ତାରାପୁର ଆଣବିକ କେନ୍ଦ୍ର



# ରାଉରକେଲା ଇସ୍ପାତ ପ୍ରକଳ୍ପ ଓଡିଶାର ଶିଳ୍ପ ବିକାଶକୁ ଉତ୍ସାହିତ କରୁଛି

ରାଉରକେଲା ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବା ଫଳରେ ଓଡିଶାରେ ଏକ ହେବୋଡ଼ି ସହଯୋଗୀ ଏବଂ ସହାୟକ ଶିଳ୍ପର ବିକାଶ ଘଟି ପାରିଛି । ଏଯାବତ ୪୦ଟି ସହାୟକ ଶିଳ୍ପ ପ୍ରତିଷ୍ଠାନ ଅଛି ୬୦୦୦ ଶ୍ରମିକଙ୍କୁ କର୍ମସଂସ୍ଥାନ ଯୋଗାଇବା ସଙ୍ଗେ ସଙ୍ଗେ ରାଉରକେଲା ଇସ୍ପାତ ପ୍ରକଳ୍ପର ବାର୍ଷିକ ୨୦ କୋଟି ଟଙ୍କାର ଦ୍ରବ୍ୟାଦି ଯୋଗାଉଛନ୍ତି ।

ଓଡିଶା ସରକାରଙ୍କର ସକ୍ରିୟ ପ୍ରୋତ୍ସାହନ ପାଇ ଏହିପରି ଅନେକ ନୂତନ ଶିଳ୍ପ ପ୍ରତିଷ୍ଠାନ ଆଗାମୀ କେତେ ବର୍ଷ ମଧ୍ୟରେ ରାଉରକେଲାର ଚତୁଃପାର୍ଶ୍ୱ ଅଞ୍ଚଳରେ ମୁଣ୍ଡ ଟେକି ଉଠିବ ଏବଂ ବହୁ ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବ ।

ଏହି ଅଞ୍ଚଳରେ ଆଉ ଯେଉଁ ଅତ୍ୟାଧୁନିକ କାରଖାନା ହେବ ରାଉରକେଲା ଇସ୍ପାତ ପ୍ରକଳ୍ପ ଓଡିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ କେନ୍ଦ୍ର ହିସାବରେ ଅଗ୍ରଣୀ ରହିବ ।

HINDUSTAN STEEL LIMITED

**ହିନ୍ଦୁସ୍ତାନ ଷ୍ଟିଲ**

ଭାରତର ଅର୍ଥନୀତି ଗଠିତ ଏକ ଜାତୀୟ ସଂସ୍ଥା

hm-HST J/71 ORI

